ବର୍ଷ-୨୬, ସଂଖ୍ୟା-୨୬୨
ଭୁବନେଶ୍ୱର
ସେପ୍ଟେମ୍ବର, ୨୯, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 262
Bhubaneswar
September, 29, 2026, Tuesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com


# ମହାଭାରତ
# Mahabharat

ଇତିହାସ ରଚିଲେ ଇଶା



# ୫ ଦିନରେ ସରିଲା ମୌସୁମୀ ଅଧିବେଶନ

## ୪ ବିଲ୍ ପାରିତ, ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ଭୁବନେଶ୍ୱର,୨୮।୯(ମହାଭାରତ): ବିଧାନସଭା ୯ଦିନିଆ ମୌସୁମୀ ଅଧିବେଶନ ଅଧାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଛି । ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନଙ୍କ ହଟ୍ଟଗୋଳ ଭିତରେ ୪ଟି କାର୍ଯ୍ୟ ଦିବସ ଥାଇ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ୨୨ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନ ଅକ୍ଟୋବର ୩ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଥିଲା । ମାତ୍ର ପ୍ରଥମଦିନରୁ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏମଏମଡିଆର ପ୍ରସଙ୍ଗରେ ଗୃହରେ ହଟ୍ଟଗୋଳ କରିବା ଯୋଗୁ ଗୃହ ୫ଦିନ ଧରି ଚାଲିପାରିନଥିଲା। ଏପରିକି ଆଜି ପ୍ରଥମାର୍ଦ୍ଧରେ ମଧ୍ୟ ଗୃହ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଠପ୍ ହୋଇପଡିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ବିରୋଧୀଙ୍କ ଅନୁପସ୍ଥିତିରେ ସରକାର ୪ଟି ବିଲ୍ ପାରିତ କରାଇ ନେବା ସହ ବିଭିନ୍ନ ରିପୋର୍ଟ ଉପସ୍ଥାପନ କରିବା ପରେ ଗୃହକୁ ମୁଲତବୀ ହୋଇଥିଲା।

ସୂଚନା ଅନୁସାରେ, ଆଜି କ୍ରମାଗତ ୫ମ ଦିନରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏମଏମଡିଆର ପ୍ରସଙ୍ଗରେ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ସମ୍ଭବପର ହୋଇପାରିନଥିଲା। ଦ୍ୱିତୀୟାର୍ଦ୍ଧରେ ବିରୋଧୀଙ୍କ ଅନୁପସ୍ଥିତିରେ ସରକାର ୪ଟି ବିଲ୍ ପାରିତ କରାଇ ନେବାରେ ସକ୍ଷମ ହୋଇଥିଲେ। ବିରୋଧୀଙ୍କ ସମ୍ପୂର୍ଣ୍ଣ ଅନୁପସ୍ଥିତିରେ ଗୃହରେ ଓଡିଶା ଜିଏସଟି ସଂଶୋଧନ ବିଲ୍, ଓଡିଶା ପ୍ରଫେସନାଲ ଟ୍ୟାକ୍ସ ଉଚ୍ଛେଦ ବିଲ୍, ଭାରତୀୟ ଷ୍ଟାମ୍ପ (ଓଡିଶା ସଂଶୋଧନ) ବିଲ୍ ଓ ଓଡିଶା ଜନ ବିଶ୍ୱାସ ବିଲ୍ ସମେତ ମୋଟ୍ ୪ଟି ବିଲ୍ ପାରିତ ହୋଇଛି ।ଗୃହ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ବିରୋଧୀ ଦଳଙ୍କୁ ମନାଇବା ପାଇଁ ବାଚସ୍ପତି ସୁରମା ପାଢ଼ୀଙ୍କ ନିର୍ଦ୍ଦେଶରେ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଉଦ୍ୟମ କରିଥିଲେ ମଧ୍ୟ ବିରୋଧୀ ସଭ୍ୟମାନେ ଗୃହକୁ ଫେରିବାକୁ ସିଧାସଳଖ ମନା କରିଦେଇଥିଲେ। ଏନେଇ ମନ୍ତ୍ରୀ ଶ୍ରୀ ନାଏକ ଗୃହରେ



ବାଚସ୍ପତିଙ୍କୁ ଅବଗତ କରାଇଥିଲେ।

ଗୃହରେ ଏହି ବିଲ୍ ଓ ଅନ୍ୟାନ୍ୟ ସରକାରୀ ରିପୋର୍ଟ ଉପସ୍ଥାପନ କରାଯିବା ପରେ ଅନ୍ୟ କୌଣସି ସରକାରୀ କାର୍ଯ୍ୟ ନଥିବାରୁ ଗୃହକୁ ମୁଲତବୀ କରିବା ପାଇଁ ଶାସକ ଦଳ ପ୍ରସ୍ତାବ ଦେଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ମୋହନ ଚରଣ ମାଝୀ ଧନ୍ୟବାଦ ପ୍ରସ୍ତାବ ଦେବାପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ।

ଆଜି ଶେଷଦିନରେ ଗୃହରେ ୬ଟି ସିଏଜି ରିପୋର୍ଟ ସମେତ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ, ରାଜ୍ୟ ଔଷଧ ନିଗମ, ମାନବ ଅଧିକାର ସୁରକ୍ଷା ଆୟୋଗ, ବେସାମରିକ ଯୋଗାଣ ନିଗମ, ଓ୍ୱାଟକୋ ଓ ଇପିକଲ୍ ଭଳି ପ୍ରମୁଖ ସଂସ୍ଥାର ବାର୍ଷିକ ରିପୋର୍ଟ ଉପସ୍ଥାପିତ ହୋଇଥିଲା।

ବିଧାନସଭା ସଚିବାଳୟରୁ ମିଳିଥିବା ତଥ୍ୟ ଅନୁସାରେ,ଚଳିତ ମୌସୁମୀ ଅଧିବେଶନରେ ମୋଟ ୫ଟି ବୈଠକ ଅନୁଷ୍ଠିତ ହୋଇଥିଲା। ୯୫୦ଟି ତାରକା ଚିହ୍ନିତ ପ୍ରଶ୍ନ ଆସିଥିବା ବେଳେ ମାତ୍ର ୮ଟିର ଉତ୍ତର ବିଭାଗୀୟ ମନ୍ତ୍ରୀମାନେ ରଖିବା ସମ୍ଭବପର ହୋଇଥିଲା। ୧୩୯୬ଟି ଅଣତାରକା ପ୍ରଶ୍ନ ମଧ୍ୟରୁ ୧୯୩୭ଟି ପ୍ରଶ୍ନୋତ୍ତର ଉପସ୍ଥାପିତ ହୋଇଥିଲା। ଗୃହରେ ମୋଟ୍ ୭ଟି ବିଲ୍ ଉପସ୍ଥାପନ ହୋଇଥିଲା ଓ ସେଥିରୁ ୪ଟି ପାରିତ ହୋଇଛି। ୧୧ଟି ବାର୍ଷିକ ରିପୋର୍ଟ, ୩ଟି କମିଟି ରିପୋର୍ଟ, ୨ଟି ଅଧ୍ୟାଦେଶ ଓ ୬ଟି ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଛି। ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ଉପରେ ବିରୋଧୀ ଦଳ ଆଲୋଚନା କରିବା ପରିବର୍ତ୍ତେ କେବଳ ଏମଏମଡିଆର ପ୍ରସଙ୍ଗକୁ ଧରି କ୍ରମାଗତ ୫ଦିନ ଗୃହକୁ ଅଚଳ କରି ରଖିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

### ଦେଢ଼ ଲକ୍ଷ କୋଟିକୁ ଛୁଇଁବାକୁ ବସିଲାଣି ରାଜ୍ୟର ଋଣଭାର

ଭୁବନେଶ୍ୱର, ୨୮।୯(ମହାଭାରତ): ଦେଢ଼ ଲକ୍ଷ କୋଟିକୁ ଛୁଇଁବାକୁ ବସିଲାଣି ରାଜ୍ୟର ଋଣଭାର । ମାର୍ଚ୍ଚ ୨୦୨୭ ସୁଦ୍ଧା ରାଜ୍ୟର ଋଣଭାର ୧ ଲକ୍ଷ ୪୮ ହଜାର କୋଟିରେ ପହଁଚିବ । ସେହିପରି ରାଜ୍ୟର ମୁଣ୍ଡ ପିଛା ଋଣ ଭାର ୩୧ ହଜାର ୩୪୪ ଟଙ୍କା ରେ ପହଁଚିବ ବୋଲି ବି ଆକଳନ କରିଛନ୍ତି ସରକାର । ତେବେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଆର୍ଥିକ ବର୍ଷ ୨୦୦୫-୦୬ ଠାରୁ ପ୍ରତିବର୍ଷ ଆହରଣ କରାଯାଉଥିବା ଋଣ ସମ୍ପୂର୍ଣ୍ଣ ଭାବରେ ପୁଞ୍ଜି ଖର୍ଚ୍ଚରେ ବିନିଯୋଗ କରାଯାଉଛି ଓ ଏହି ଅର୍ଥରୁ କୌଣସି ଅର୍ଥ ରାଜସ୍ୱ ବ୍ୟୟ ପାଇଁ ଖର୍ଚ୍ଚ କରାଯାଉନାହିଁ ।

## ପହିଲାରେ ମହାନଦୀ ବୈଠକ

ଭୁବନେଶ୍ୱର,୨୮।୯(ମହାଭାରତ): ଦୀର୍ଘ ଦିନ ଧରି ଝୁଲି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ଦିଗରେ ବଡ଼ ପଦକ୍ଷେପ ନିଆଯିବାକୁ ଯାଉଛି। ଆସନ୍ତା ଅକ୍ଟୋବର ୧ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ। ଏହି ବୈଠକରେ ମହାନଦୀ ଜଳ ବଣ୍ଟନ ପ୍ରସଙ୍ଗରେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ଆଗକୁ ବଢ଼ିବ ବୋଲି ଆଶା ପ୍ରକାଶ କରିଛନ୍ତି ଓଡ଼ିଶାର ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ସୋମବାର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମହାନଦୀ ଜଳ ବିବାଦର ସମାଧାନ ପାଇଁ ପାରସ୍ପରିକ ବୁଝାମଣାର ବାଟ ଖୋଲୁଛି। କେନ୍ଦ୍ରୀୟ ଜଳ ଆୟୋଗ ର ସଚିବ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ପୂର୍ବରୁ ହୋଇଥିବା ଦୁଇଟି ବୈଠକର ବିବରଣୀ ଦାଖଲ କରିଛନ୍ତି ଏବଂ ଟ୍ରିବ୍ୟୁନାଲ ସେହି ତଥ୍ୟକୁ ରେକର୍ଡରେ ଗ୍ରହଣ କରିଛନ୍ତି।

## ଆପାର୍ଟମେଂଟ ପଞ୍ଜୀକରଣ ବ୍ୟବସ୍ଥାରେ ସରଳୀକରଣ

ଭୁବନେଶ୍ୱର,୨୮।୯(ମହାଭାରତ): ରାଜ୍ୟରେ ଆପାର୍ଟମେଂଟ ୟୁନିଟ୍ ଗୁଡ଼ିକର ପଞ୍ଜୀକରଣ ଓ ହସ୍ତାନ୍ତର ପ୍ରକ୍ରିୟାକୁ ଅଧିକ ସରଳ, ସ୍ୱଚ୍ଛ ଓ ସୁଗମ କରିବା ଉଦ୍ଦେଶ୍ୟରେ ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ବିଲ୍, ୨୦୨୬ ବିଧାନସଭାରେ ବିଚାର ପାଇଁ ଉପସ୍ଥାପିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ବିଧାନସଭାରେ ଏହି ବିଲ୍ ଉପସ୍ଥାପନ କରିଛନ୍ତି । ଏହି ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଆପାର୍ଟମେଂଟର ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକର ହସ୍ତାନ୍ତରକୁ ସରଳ କରିବା, ଆପାର୍ଟମେଂଟ ମାଲିକମାନଙ୍କ ଉପରେ ଅନାବଶ୍ୟକ ଆର୍ଥିକ ଭାର ହ୍ରାସ କରିବା ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ସ୍ୱାର୍ଥକୁ ସୁରକ୍ଷିତ ରଖିବା। ଓଡ଼ିଶା ଆପାର୍ଟମେଂଟ (ମାଲିକାନା ଏବଂ ପରିଚାଳନା) ଅଧିନିୟମ, ୨୦୨୩ ଅନୁଯାୟୀ, ପ୍ରମୋଟରଙ୍କ ଦ୍ୱାରା ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ୍ ?ଗୁଡ଼ିକର ହସ୍ତାନ୍ତର ପୂର୍ବରୁ ପ୍ରକଳ୍ପର ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକୁ ଆସୋସିଏସ୍ ଅଫ୍ ଆଲୋଟିଜ୍ ଙ୍କ ସପକ୍ଷରେ ପଞ୍ଜୀକୃତ ଦଲିଲ ମାଧ୍ୟମରେ ହସ୍ତାନ୍ତର କରିବାର ବ୍ୟବସ୍ଥା ରହିଛି। ଏହି ସାଧାରଣ କ୍ଷେତ୍ର ଓ ସୁବିଧା ମଧ୍ୟରେ ପ୍ରକଳ୍ପର ଜମି ସହିତ ଗ୍ୟାରେଜ୍, ସିଡ଼ି, ଲିଫ୍ଟ ଆଦି ଅନ୍ତର୍ଭୁକ୍ତ ।ତେବେ ଏହି ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକ ଆସୋସିଏସ୍ ଅଫ୍ ଆଲୋଟିଜ୍ ଙ୍କ ସପକ୍ଷରେ ହସ୍ତାନ୍ତର କରିବା ସମୟରେ ଲାଗୁଥିବା ଷ୍ଟାମ୍ପ ଡ୍ୟୁଟି ଯୋଗୁଁ ଆପାର୍ଟମେଂଟ ମାଲିକମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ପଡୁଥିଲା। ଏହି ପ୍ରକ୍ରିୟାକୁ ସରଳ କରିବା ଏବଂ ବୃହତର ଜନସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଭାରତୀୟ ଷ୍ଟାମ୍ପ ଅଧିନିୟମ, ୧୮୯୯ର ଅନୁସୂଚୀ ଆଇ-ଏର ଅନୁଚ୍ଛେଦ ୨୩(ଗ)ରେ ସଂଶୋଧନ ପ୍ରସ୍ତାବ କରାଯାଇଛି। ସାଧାରଣ କ୍ଷେତ୍ର ଓ ସୁବିଧା ପାଇଁ ନାମମାତ୍ର ଷ୍ଟାମ୍ପ ଡ୍ୟୁଟି ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ପ୍ରମୋଟରଙ୍କଠାରୁ ଆସୋସିଏସ୍ ଅଫ୍ ଆଲୋଟିଜ୍ ଙ୍କ ସପକ୍ଷରେ ସାଧାରଣ କ୍ଷେତ୍ର ଓ ସୁବିଧା ହସ୍ତାନ୍ତର ଦଲିଲ ଉପରେ ମାତ୍ର ୫୦,୦୦୦ ଷ୍ଟାମ୍ପ ଡ୍ୟୁଟି ଧାର୍ଯ୍ୟ କରାଯିବ।

# ବର୍ଷା-ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ

ଭୁବନେଶ୍ୱର,୨୮।୯(ମହାଭାରତ); ଗଭୀର ଅବପାତର ପ୍ରଭାବରେ ରାଜ୍ୟର କେତେକ ଅଞ୍ଚଳରେ ବର୍ଷା ଓ ସ୍ଥାନୀୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି । ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ସେପ୍ଟେମ୍ବର ୨୮ ୨୦୨୬ ରେ ଜାରି ସ୍ଥିତି ରିପୋର୍ଟ ଅନୁଯାୟୀ, ସମଗ୍ର ରାଜ୍ୟରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ୨୮ ସେପ୍ଟେମ୍ବର



୨୦୨୬ ସକାଳ ୮ଟା ୩୦ ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୦.୧ ମିମି ବର୍ଷା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ୧.୩ ମିମି ବର୍ଷା ହୋଇଥିବାବେଳେ ଅନ୍ୟ ସମସ୍ତ ଜିଲ୍ଲାରେ ବର୍ଷା ପରିମାଣ ଶୂନ ରହିଛି। ଏଥିରୁ ରାଜ୍ୟରେ ବର୍ଷାର ପରିମାଣରେ ଉଲ୍ଲେଖନୀୟ ହ୍ରାସ ଘଟିଥିବା ସ୍ପଷ୍ଟ ହେଉଛି।

ଗଭୀର ଅବପାତର ପ୍ରଭାବରେ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର କେତେକ ବ୍ଲକ ଏବଂ ବାଲେଶ୍ୱର, ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି। କୋରାପୁଟର ୨ଟି ବ୍ଲକ, ୨୦ଟି ଗ୍ରାମ ପଞ୍ଚାୟତ ଓ ୪୧ଟି ଗ୍ରାମ ପ୍ରଭାବିତ ହୋଇଥିବାବେଳେ ୬,୩୯୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ୨,୬୮୪ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୩୬ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ନବରଙ୍ଗପୁରର ୩ଟି ବ୍ଲକ, ୧୩ଟି ଗ୍ରାମ ପଞ୍ଚାୟତ ଓ ୩୧ଟି ଗ୍ରାମ ପ୍ରଭାବିତ ହୋଇଛି। ମୋଟ ୧୬,୮୯୧ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୨,୩୯୩ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ୧୮ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି।

ବୁଢ଼ାବଳଙ୍ଗ, ବୈତରଣୀ, ସୁବର୍ଣ୍ଣରେଖା ଓ ଜଳକା ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ବାଲେଶ୍ୱର, ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି। ବାଲେଶ୍ୱରରେ ୫୪୧ଟି ଗ୍ରାମର ୫୦,୪୫୬ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୪୯,୫୯୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ୭୭ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି।

ଯାଜପୁରରେ ୫,୦୫୯ ଜଣ ପ୍ରଭାବିତ ହୋଇଥିବାବେଳେ ୩,୮୭୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ୧୯ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ଭଦ୍ରକରେ ୧୧,୨୫୧ ଜଣ ପ୍ରଭାବିତ ଓ ୮,୨୭୮ ଜଣ ସ୍ଥାନାନ୍ତର ହୋଇଥିବାବେଳେ ୬୬ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି। ମୟୂରଭଞ୍ଜରେ ୨,୪୨୫ ଜଣ ପ୍ରଭାବିତ ଓ ୨,୩୫୪ ଜଣ ସ୍ଥାନାନ୍ତର ହୋଇଛନ୍ତି ; ସେଠାରେ ୨୨ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି।

ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ବାଲେଶ୍ୱରକୁ ୩୨୬ ମେଟ୍ରିକ୍ ଟନ, ଯାଜପୁରକୁ ୩୧.୩୨ ମେଟ୍ରିକ୍ ଟନ, ଭଦ୍ରକକୁ ୧୭୫.୨ ମେଟ୍ରିକ୍ ଟନ, ମୟୂରଭଞ୍ଜକୁ ୪୦ ମେଟ୍ରିକ୍ ଟନ ଏବଂ କୋରାପୁଟକୁ ୧୮.୮୦ ମେଟ୍ରିକ୍ ଟନ ଗୋଖାଦ୍ୟ ଯୋଗାଣ କରାଯାଇଛି। ମୋଟ ୫୯୧.୩୨ ମେଟ୍ରିକ୍ ଟନ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ମୋଟ ୫୭ଟି ଓଡ୍ରାଫ୍ ଟିମ୍ ଓ ୭ଟି ଏନଡିଆରଏଫ୍ ଟିମ୍, ଅର୍ଥାତ୍ ସମୁଦାୟ ୬୪ଟି ରେସପନ୍ସ ଟିମ୍ ମୁତୟନ କରାଯାଇଛି। ବାଲେଶ୍ୱରରେ ୯ଟି ଓଡ୍ରାଫ୍ ଓ ୨ଟି ଏନଡିଆରଏଫ୍ଟିମ୍, କୋରାପୁଟରେ ୪ଟି ଓଡ୍ରାଫ୍ ଟିମ୍, ନବରଙ୍ଗପୁରରେ ୫ଟି ଓଡ୍ରାଫ୍ ଟିମ୍, ଭଦ୍ରକରେ ୩ଟି ଓଡ୍ରାଫ୍ ଟିମ୍ ଏବଂ ଯାଜପୁରରେ ୩ଟି ଓଡ୍ରାଫ୍ ଓ ୧ଟି ଏନଡିଆରଏଫ୍ ଟିମ୍ ମୁତୟନ ରହିଛି। ଲୋକମାନଙ୍କୁ ପାଣିପାଗର ସ୍ଥିତି ଉପରେ ନଜର ରଖିବା ସହ ବଜ୍ରପାତ ସମୟରେ ସୁରକ୍ଷିତ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି।

# ଏମଏମଡିଆରକୁ ନେଇ ବିଜେଡିର ଗଣବିକ୍ଷୋଭ

## ଓଡିଶାର ଅଧିକାର ପାଇଁ ଲଢେଇ କରିବି: ନବୀନ

ଭୁବନେଶ୍ୱର,୨୮।୯(ମହାଭାରତ): ଜନବିରୋଧୀ ଏମଏମଡିଆର ଆକ୍ଟକୁ ବିରୋଧ କରି ଲୋୟର ପିଏମ୍ଜିରେ ବିଶାଳ ବିକ୍ଷୋଭ କରିଛି ବିଜେଡି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ୪୦,୦୦୦ରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜନସମାବେଶ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଡବଲ ଇଞ୍ଜିନ ସରକାରଙ୍କ ଜନମାରଣା ନୀତି ଯୋଗୁଁ ଓଡିଶାବାସୀ ଉପେକ୍ଷିତ ହେଉଛନ୍ତି । ଏମଏମଡିଆର ଆକ୍ଟ ଜରିଆରେ ରାଜ୍ୟର ହକକୁ ଛଡ଼ାଇ ନେବାକୁ ବସିଛନ୍ତି କେନ୍ଦ୍ର ସରକାର । ଓଡ଼ିଶାର ସ୍ୱାର୍ଥ ପାଇଁ ବିଜେଡିର ଲଢେଇ ଜାରି ରହିବ ।



ସମାବେଶରେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଥିଲେ ଯେ, ଓଡ଼ିଶାର ସ୍ୱାର୍ଥ ପାଇଁ ଆମେ ସମସ୍ତେ ଏକାଠି ହୋଇଛୁ । ଏମଏମଡିଆର ଆକ୍ଟ ଜରିଆରେ ଓଡ଼ିଶାର ଅଧିକାର ଛଡ଼ାଇ ନେବାକୁ ପ୍ରୟାସ କରାଯାଇଛି । ଓଡ଼ିଶାର ଖଣି ଓ ଜମି ଉପରେ ଓଡ଼ିଶାବାସୀଙ୍କ ଅଧିକାର ରହିଛି । ମୋର ଶେଷ ନିଶ୍ୱାସ ଥିବା ଯାଏଁ ଓଡ଼ଶାର ସ୍ୱାର୍ଥ ପାଇଁ ଲଢ଼େଇ କରିବି । ବିନା ଆଲୋଚନାରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହୋଇଗଲା । କାହା ସ୍ୱାର୍ଥରେ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ୨୦ ଜଣ ବିଜେପି ସାଂସଦ ଚୁପ ବସିଲେ ? ଏମଏମଡିଆରକୁ ନେଇ ବିଧାନସଭାରେ ସ୍ୱତନ୍ତ୍ର ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲି, କିନ୍ତୁ ଉତ୍ତର ମିଳିଲା ନାହିଁ । ମାଟି ଠାରୁ ପାର୍ଟି କେବେ ବି ବଡ଼ ହୋଇପାରିବ ନାହିଁ । ଏ ମାଟିକୁ ଧୋକା ଦେଲେ ଓଡ଼ିଶାବାସୀ କେବେ ବି କ୍ଷମା କରିବେ ନାହିଁ । ବିଜେଡି ନେତ୍ରୀ ସୁଜାତା ରାଉତ କହିଥିଲେ ଯେ, ୨୦୦୪ରେ ଓଡ଼ିଶାର ବିକାଶ ପାଇଁ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓରିସେଡ ଆଇନ ଆଣିଥିଲେ । ଏହା ବିରୋଧରେ ଖଣି ମାଲିକ ମାନେ ସୁପ୍ରିମକୋର୍ଟ ଗଲେ । କିନ୍ତୁ ୨୦୨୪ରେ ଓଡ଼ିଶା ସପକ୍ଷରେ ସୁପ୍ରିମକୋର୍ଟ ରାୟ ଦେଲେ । ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ୧ ଲକ୍ଷ କୋଟି ଟଙ୍କାର ବକେୟା ଖଣି ରାଜସ୍ୱ ପାଇଥାନ୍ତା ଓଡ଼ିଶା । ଏହି ରାଜସ୍ୱରୁ ଓଡ଼ିଶାର ବିକାଶ ଆହୁରି ଆଗକୁ ଯାଇପାରିଥାଆନ୍ତା । କ'ଣ ପାଇଁ ବିଜେପି ଓଡ଼ିଶାରୁ ଲକ୍ଷ୍ମୀଙ୍କୁ ଫେରାଇଲେ ଏହାର ଜବାବ ଦିଅନ୍ତୁ । ବିଜେପି ନେତା ଓଡ଼ିଶାକୁ ଠକୁଛନ୍ତି । ବିଜେପିର ରିମୋଟ କଣ୍ଟ୍ରୋଲ ଦିଲ୍ଲୀରେ ଅଛି । ବିଜେଡି ଏକ ମାତ୍ର ଦଳ ଯାହାର ରିମୋଟ କଣ୍ଟ୍ରୋଲ ଓଡ଼ିଶାବାସୀଙ୍କ ପାଖରେ ଅଛି । ଯେ ପର୍ଯ୍ୟନ୍ତ ଓଡ଼ିଶାକୁ ତା'ର ଅଧିକାର ନ ମିଳିଛି ସେପର୍ଯ୍ୟନ୍ତ ବିଜେଡି ଏହି ଲଢେଇ ଜାରି ରଖିବ ।

ଏମଏମଡିଆର ଆଇନ ସଂଶୋଧନ ଯୋଗୁଁ ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବକେୟା ଖଣି ରାଜସ୍ୱ ହରାଇବା ସହ ବାର୍ଷିକ ୧୨ ହଜାର କୋଟି ଟଙ୍କାର ରାଜସ୍ୱ ହରାଇବ ଓଡ଼ିଶା । ବିଜେଡି ଶାସନ ସମୟରେ ଓଡ଼ିଶାର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲା । ଦାରିଦ୍ର୍ୟତାରେ ଜର୍ଜରିତ ଓଡ଼ିଶାର ରୂପରେଖ ପରିବର୍ତ୍ତନ ହୋଇଥିଲା । କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ଉନ୍ନତି ହେବା ବଦଳରେ ଅବନତି ଘଟୁଛି । ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜେପି ଦଳଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁ ବୋଲି ବିଜେଡ଼ି ନେତୃବୃନ୍ଦ ବକ୍ତବ୍ୟ ଦେଇଥିଲେ । ବିଜେପି ସରକାରରେ ଓଡ଼ିଶାର ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି । ବିଜେପି ଦଳୀୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ରାଜ୍ୟର ଅର୍ଥନୀତିକୁ ନଷ୍ଟ କରୁଛି । ଏହି ଅନ୍ୟାୟ ବିରୋଧରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା ।

## ବିଜେପିର ସମାଲୋଚନା

ଭୁବନେଶ୍ୱର,୨୮।୯(ମହାଭାରତ.): ଏମଏମଡିଆରକୁ ନେଇ ବିଜେଡିର ଆନ୍ଦୋଳନ ପ୍ରସଙ୍ଗରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ବିଜେପିରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ। ବିରୋଧୀ ଦଳ ଭାବେ ବିଜେଡି ଦାୟିତ୍ୱସମ୍ପନ୍ନ ଆଚରଣ କରିବା ସହ ସରକାରଙ୍କୁ ପ୍ରସ୍ତାବ ଦେବା ଉଚିତ୍ ବୋଲି ସେ କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି, ବିଜେଡି ସବୁବେଳେ ବିରୋଧ କରିଆସିଛି । ଜିଏସ୍‌ଟି ଲାଗୁ ହେବା ସମୟରେ ମଧ୍ୟ ଦଳ ବିରୋଧ କରୁଥିଲା ବୋଲି ସେ ଦାବି କରିଛନ୍ତି । ଖଣି ଓ ରାଜସ୍ୱ ପ୍ରସଙ୍ଗରେ ମଧ୍ୟ ପୂର୍ବରୁ ବିଜେଡି ପକ୍ଷରୁ ଆପତ୍ତି ଉଠାଯାଇଥିବା ସେ କହିଛନ୍ତି । ମନମୋହନଙ୍କ କହିବା ଅନୁସାରେ, ୨୦୧୪ ପରେ କେନ୍ଦ୍ର ସରକାରଙ୍କ ଖଣି ନୀତିକୁ ନେଇ ଓଡ଼ିଶା କ୍ଷତି ସହିବ ବୋଲି ବିରୋଧୀ ଆଶଙ୍କା ପ୍ରକାଶ କରିଥିଲେ। ଏବେ ରାଜ୍ୟକୁ ଖଣି କ୍ଷେତ୍ରରୁ ଅଧିକ ରାଜସ୍ୱ ମିଳୁଛି ବୋଲି ସେ ଦାବି କରିଛନ୍ତି। ତେବେ ଏହି ଦାବିଗୁଡ଼ିକ ନେଇ ନିର୍ଦ୍ଦିଷ୍ଟ ହିସାବ ଓ ତଥ୍ୟ ଦେବା ଆବଶ୍ୟକ ବୋଲି ମନମୋହନ କହିଛନ୍ତି । ଏମଏମଡିଆର ଆମେଣ୍ଡେ□ ଆକ୍ଟକୁ ନେଇ ବିଜେଡି ଆନ୍‌ଦୋଳନ କରିବା ପରିବର୍ତ୍ତେ ସରକାରଙ୍କୁ ପ୍ରସ୍ତାବ ଦେବା ଉଚିତ୍ ଥିଲା ବୋଲି ସେ କହିଛନ୍ତି। "ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ହୋଇଥିଲେ ଦାୟିତ୍ୱସମ୍ପନ୍ନ ବ୍ୟବହାର କରିଥାନ୍ତେ। ସରକାରଙ୍କୁ ପ୍ରସ୍ତାବ ଦେଇଥାନ୍ତେ, ଆଉ କଣ କରାଯାଇପାରିବ" ବୋଲି ମନମୋହନ କହିଛନ୍ତି ।



ଏମଡିଆର ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ କରିଛନ୍ତି ବିଜେପି ସାଂସଦ। ବିଜେଡି ମିଛ କହୁଛି । ଆଇନ ନ ପଢି ଲୋକଙ୍କୁ ଭ୍ରମିତ କରୁଛନ୍ତି। ଏମଏମଡିଆର ବିଲକୁ ଠିକ୍ ଭାବେ ପଢିବାକୁ କହି ବିଜେଡି ଉପରେ ବର୍ଷିଛି ବିଜେପି।

ବିଜେପି ସାଂସଦ ସମ୍ବିତ ପାତ୍ର କହିଛନ୍ତି ବିଜେଡି ସରକାର ସମୟରେ ଖଣି ହୋଇଥିଲା। ବିଗତ ସରକାର ରେ ସିଏଜି ଅଡିଟ ହୋଇଥିଲା। ମାଇନିଂ ପଇସା କେମିତି ଖର୍ଚ୍ଚ ହୋଇଥିଲା ତାହାର ରିପୋର୍ଟ ଥିଲା। ବିନା ଗ୍ରାମ ସଭାରେ ଖଣି ନିଲାମ ହୋଇଥିଲା। ଯେଉଁମାନେ ଆମ ବିରୋଧରେ ମିଛ କଥା କହୁଛନ୍ତି ଆମେ ରିପୋର୍ଟ ଧରି ବସିଛୁ। ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି ବିଜେଡି ନେତାମାନେ ଟିକେ ଏମଏମଡିଆର ଆକ୍ଟକୁ ଭଲଭାବେ ପଢନ୍ତୁ। ଏମଏମଡିଆର ଆକ୍ଟକୁ ଆଉ ବୁଝିବାକୁ ଚେଷ୍ଟା କରନ୍ତୁ। ଯିଏ ନିଜେ ଦୋଷୀ ସେମାନେ ହଙ୍ଗାମା କରୁଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ଲୋକଙ୍କ ସୁବିଧା, ସ୍ୱାର୍ଥ ସବୁବେଳ ପ୍ରାଧାନ୍ୟ ଦେଉଛନ୍ତି।

# ସିଏଜି ଅଡିଟ୍ : ଡିଏମଏଫ ପାଣ୍ଠିର ବ୍ୟାପକ ହରିଲୁଟ

ଭୁବନେଶ୍ୱର,୨୮।୯(ମହାଭାରତ); ଖଣି ଖନନ ଯୋଗୁଁ ନିଜର ଭିଟାମାଟି, ଜଳ, ଜଙ୍ଗଲ ଓ ସ୍ୱାସ୍ଥ୍ୟ ହରାଇ ବର୍ଷବର୍ଷ ଧରି ଧୂଳିଧୂଆଁରେ ଜୀବନ ବିତାଉଥିବା ଲୋକଙ୍କ କଲ୍ୟାଣ ପାଇଁ ଗଠିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠିରେ ବ୍ୟାପକ ଅନିୟମିତତା ଓ ହରିଲୁଟର ସଙ୍ଗୀନ ଚିତ୍ର ପଦାକୁ ଆସିଛି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା (ପିଏମକେକେକେଓ୍ୱାଇ) ଅଧୀନରେ ପ୍ରଭାବିତ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ, ଉତ୍ତମ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ସ୍ଥାୟୀ ଜୀବିକା ଯୋଗାଇବା ବଦଳରେ ବିଜେଡି ଶାସନକାଳରେ ସରକାରୀ ବାବୁ ଓ ପ୍ରଶାସନିକ କଳ ଏହି ଅର୍ଥକୁ ନିଜ ମନମୁଖୀ ପ୍ରକଳ୍ପରେ ଶ୍ରାଦ୍ଧ କରିଛନ୍ତି।



ଆଜି ବିଧାନସଭାରେ ଉପସ୍ଥାପିତ ଭାରତର ମହାଲେଖାଗାର ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି)ଙ୍କ ଅଡିଟ ରିପୋର୍ଟ ରାଜ୍ୟରେ ୨୦୨୪ ମାର୍ଚ୍ଚ ସୁଦ୍ଧା ଡିଏମଏଫ ପାଣ୍ଠି ଖର୍ଚ୍ଚର ବ୍ୟାପକ ଅନିୟମିତତା ଓ ହରିଲୁଟକୁ ଉଜାଗର କରିଛି। ବିଜେଡି ଶାସନକାଳରେ ନିୟମକୁ ଜଳାଞ୍ଜଳି ଦେଇ ମୂଳ ଖଣି ପ୍ରଭାବିତ ଗରିବ ଓ ଆଦିବାସୀ ଜନସାଧାରଣଙ୍କୁ ମୌଳିକ ସୁବିଧାରୁ ବଂଚିତ କରାଯାଇଛି ଓ କେଉଁଭଳି ଭାବେ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ଅଦରକାରୀ ଇକୋ-ରିଟ୍ରିଟ୍ ପାର୍କ, କମ୍ପାନୀ ଶ୍ରମିକଙ୍କ ପିପିଇ କିଟ୍ ଓ ଘରୋଇ ସଂସ୍ଥାଙ୍କ ଅହେତୁକ ଅନୁକମ୍ପା ଦେବା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇଛି ତା'ର ବିସ୍ତୃତ ଚିତ୍ର ପଦାକୁ ଆଣିଛନ୍ତି ସିଏଜି।

ସିଏଜିଙ୍କ ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି ଯେ , ଓଡିଶାରେ ୨୦୧୫-୧୬ରୁ ୨୦୨୩-୨୪ ମଧ୍ୟରେ ୩୦ଟି ଜିଲ୍ଲାର ଡିଏମଏଫ ପାଣ୍ଠିକୁ ପ୍ରାୟ ୨୬୬୦୨.୬୬ କୋଟି ଟଙ୍କା ଆସିଥିବାବେଳେ ସେଥିରୁ ପ୍ରାୟ ୨୫୯୬୯.୮୭ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିଲା, ମାତ୍ର ବାସ୍ତବରେ ମାତ୍ର ୧୫୮୧୭.୫୬ କୋଟି ଟଙ୍କା (ପ୍ରାୟ ୫୯.୪୬%) ଖର୍ଚ୍ଚ ହୋଇପାରିଛି। ଅଡିଟ ପାଇଁ ନମୁନା ଭାବେ ନିଆଯାଇଥିବା ଛଅଟି ଜିଲ୍ଲା-କେନ୍ଦୁଝର, ସୁନ୍ଦରଗଡ, ଯାଜପୁର, ମୟୂରଭଞ୍ଜ, ଢେଙ୍କାନାଳ ଓ ନବରଙ୍ଗପୁରରେ ମଞ୍ଜୁର ୧୭୪୩୫ଟି ପ୍ରକଳ୍ପ ମଧ୍ୟରୁ ପ୍ରାୟ ୩୮% (୬୫୫୧ଟି ପ୍ରକଳ୍ପ) ବର୍ଷବର୍ଷ ଧରି ଅଧପନ୍ତରିଆ ପଡିରହିଛି ଓ ୧୧୯୪ଟି ପ୍ରକଳ୍ପର କାମ ଆରମ୍ଭ ହିଁ ହୋଇନାହିଁ। କେବଳ ସେତିକି ନୁହେଁ, କାର୍ଯ୍ୟ ଶେଷ ହେବା ପରେ ବି ବିଭିନ୍ନ ବିଭାଗୀୟ କାର୍ଯ୍ୟନିର୍ବାହୀ ସଂସ୍ଥା ୪୭୦.୨୫ କୋଟି ଟଙ୍କାର ଅବ୍ୟବହୃତ ଅର୍ଥ ଓ ୨୬.୫୧ କୋଟି ଟଙ୍କାର ସୁଧ ଡିଏମଏଫକୁ ଫେରସ୍ତ ନକରି ନିଜ ପାଖରେ ଜମା ରଖିଥିବା ପରୋକ୍ଷରେ ପ୍ରଶାସିକ ଉଦାସୀନତାକୁ ପ୍ରମାଣିତ କରୁଛି ବୋଲି ସିଏଜି କହିଛନ୍ତି। ଡିଏମଏଫ ପାଣ୍ଠିର ଦୁରୁପଯୋଗ ଓ ହରିଲୁଟର ବିସ୍ତୃତ ତଥ୍ୟ ଦେଇ ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ରାଉରକେଲାରେ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ ନିମନ୍ତେ ସୁନ୍ଦରଗଡ ଡିଏମଏଫ ପାଣ୍ଠିରୁ ବେଆଇନ ଭାବେ ୧୩୬.୭୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି, ଯାହା ପିଏମକେକେକେଓ୍ୱାଇ ନିୟମାବଳୀର ସମ୍ପୂର୍ଣ୍ଣ ବିରୁଦ୍ଧ କାରଣ ଏହି ଷ୍ଟାଡିୟମ ଖଣି ଖନନ ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମୀଣ ଲୋକଙ୍କ କୌଣସି ପ୍ରତ୍ୟକ୍ଷ କଲ୍ୟାଣ କିମ୍ବା ଥଇଥାନ କାର୍ଯ୍ୟରେ ଆସୁନାହିଁ। ଦ୍ୱିତୀୟତଃ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ପରିବେଶ ସୁରକ୍ଷା ଓ ଜୀବିକା ନାଁରେ ମଡେଲ ରୁରାଲ ପାର୍କ, ବନ ବାଟିକା, ଗ୍ରାମ ଉଦ୍ୟାନ ଓ ଇକୋ-ରିଟ୍ରିଟ ସେଣ୍ଟର ନିର୍ମାଣ ପାଇଁ ୧୦୧.୧୭ କୋଟି ଟଙ୍କା ମଞ୍ଜୁର କରାଯାଇ ୫୧.୭୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ହେଁ ୧୨୬ଟି ଯାକ ପ୍ରକଳ୍ପ ଅଧାପନ୍ତରିଆ ଓ ଅଚଳ ହୋଇ ପଡିରହିବା ସହ ସରକାରୀ ଟଙ୍କା ନଷ୍ଟ ହୋଇଛି। ସେହିପରି ଢେଙ୍କାନାଳ, ସୁନ୍ଦରଗଡ ଓ ନବରଙ୍ଗପୁରରେ ମଧ୍ୟ ଭାଗବତ ମଣ୍ଡପ, କଟେଜ୍?, ମନ୍ଦିର ଉନ୍ନୟନ ଓ ପିକନିକ୍ ସ୍ପଟ୍ ନାଁରେ ଆହୁରି ୧୬.୫୪ କୋଟି ଟଙ୍କାର ବେଆଇନ ଭାବେ ଖର୍ଚ୍ଚ କରାଯାଇଛି।

## ୟୁପିଆଇକୁ ନେଇ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮।୯: ଦେଶରେ ୟୁପିଆଇ ନେଣଦେଣ ଆଉ ଦେୟମୁକ୍ତ ନୁହେଁ। କିଛି ନିର୍ଦ୍ଦିଷ୍ଟ ନେଣଦେଣ ପାଇଁ ବ୍ୟବସାୟୀଙ୍କୁ ଦେବାକୁ ପଡିବ ଟଙ୍କା। ଅକ୍ଟୋବର ୧୫ରୁ ଏହି ନିୟମ ଲାଗୁ ହେବାକୁ ଯାଉଛି।

କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତି ଉପରେ ଆଜି ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ। ନିର୍ଦ୍ଦିଷ୍ଟ ୟୁପିଆଇ ନେଣଦେଣ ପାଇଁ ଲାଗୁ ହେବାକୁ ଥିବା ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ ବା ଏମଡିଆରର ଆଇଗତ ପ୍ରାବଧାନ କ'ଣ କେଉଁ ଆଇନ ଆଧାରରେ ଏପରି ପଦକ୍ଷେପ ନିଆଯାଇଛି ବୋଲି ସୁପ୍ରିମକୋର୍ଟ ଜାଣିବାକୁ ଚାହିଁଛନ୍ତି। ଏଥିପାଇଁ କେନ୍ଦ୍ର ସରକାର, ଆରବିଆଇ ଓ ଏନପିସିଆଇକୁ ଜବାବ ମାଗିଛନ୍ତି ସର୍ବୋଚ୍ଚ ଅଦାଲତ। ଲାଗୁ ହେଉଥିବା ଚାର୍ଜରୁ କିଏ ଆୟ କରିବ ଓ ଏହାକୁ କେମିତି ବଣ୍ଟନ ହେବ ବୋଲି ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି।

୨ ହଜାର ଟଙ୍କାରୁ ଅଧିକ ୟୁପିଆଇ ଟ୍ରାଞ୍ଜାକସନ ଉପରେ ସରକାର ୦.୪% ଚାର୍ଜ ଲାଗୁ କରିବାକୁ ଯାଉଥିବାରୁ ଏହାକୁ ତୀବ୍ର ବିରୋଧ କରାଯାଉଛି। ବାସ୍ତବରେ ଯଦି ଜଣେ ବ୍ୟକ୍ତି କୌଣସି ବ୍ୟବସାୟିକ ସଂସ୍ଥାକୁ ୟୁପିଆଇରେ ୨ ହଜାରରୁ ଅଧିକ ଟଙ୍କା ପଠାଇବେ, ତା'ହେଲେ ସଂସ୍ଥାକୁ ଫି' ଦେବାକୁ ପଡିବ। ସରକାର ଏପରି ଫି' ଆଦାୟ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ ଆବେଦନକାରୀ ଓକିଲ ଅଞ୍ଜନା ଦତ୍ତାଙ୍କ ରିଟି ପିଟିସନର ଶୁଣାଣି କରିଛନ୍ତି। ଆବେଦନକାରୀ ଏପରି ନିୟମ ଉପରେ ରୋକ ଲଗାଇବାକୁ ଦାବି କରିଛନ୍ତି। ହେଲେ ପ୍ରଥମ ଶୁଣାଣିରେ ସୁପ୍ରିମକୋର୍ଟ ତତ୍କାଳ ନିୟମ ଉପରେ ରୋକ ଲଗାଇବାକୁ ମନା କରି ଦେଇଛନ୍ତି। ତଥାପି କେନ୍ଦ୍ର ସରକାରଙ୍କୁ ଅନେକ ପ୍ରଶ୍ନ କରିଛନ୍ତି। ଶୁଣାଣି ବେଳେ ୟୁପିଆଇ ଟ୍ରାଞ୍ଜାକସନ ଉପରେ ଏମଡିଆର ଲାଗୁ କରିବାର ଆଇନଗତ ଅଧିକାର ବାବଦରେ ଜାଣିବାକୁ ଚାହିଁଛନ୍ତି ଖଣ୍ଡପୀଠ। ନୂଆ ନୀତି ଅଧୀନରେ ଆରବିଆଇ ଓ ଏନପିସିଆଇର ଭୂମିକା କ'ଣ ବୋଲି ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି।

## ପନୀରର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପ୍ରସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



ଖବର

## ଜୀବନ ହାରିଦେଲେ ସୋସିଆଲ୍ ମିଡିଆ ଇନଫ୍ଲୁଏନ୍ସର୍



ସୋସିଆଲ୍ ମିଡିଆ ଇନଫ୍ଲୁଏନ୍ସର୍ ନିଧି ତିୱାରୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ଫାଶୀ ଲଗାଇ ଜୀବନ ହାରି ଦେଇଛନ୍ତି। ମୃତ ଇନଫ୍ଲୁଏନ୍ସର ନିଧି ମଧ୍ୟପ୍ରଦେଶର ସିଙ୍ଗରୌଲିରେ 'ମିସ୍ ପ୍ରିଟି ଇଣ୍ଡିଆ'ର ଟାଇଟଲ୍ ଜିତିଥିଲେ। ସୂଚନାଯୋଗ୍ୟ,ରବିବାର ସକାଳେ ସିଙ୍ଗରୌଲିର ଭୁସା ମୋଡ୍ ଅଞ୍ଚଳରେ ଥିବା ଘରର ଏକ କୋଠରୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ନିଧି ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଥିଲେ। ନିଧିଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥି ?ଲେ ହେଁ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ନିଧି ଡିଜିଟାଲ୍ ପ୍ଲାଟଫର୍ମରେ ବେଶ ସକ୍ରିୟ ଥିଲେ। ଫେସବୁକରେ ତାଙ୍କର ପ୍ରାୟ ୯ ଲକ୍ଷ ଏବଂ ଇନଷ୍ଟାଗ୍ରାମରେ ପ୍ରାୟ ୭ ଲକ୍ଷ ଫଲୋଅର୍ସ ଥିଲେ। ୨୦୨୪ ମସିହାରେ 'ମିସ୍ ପ୍ରିଟି ଇଣ୍ଡିଆ' ଟାଇଟଲ୍ ଜିତିବା ପରେ ସେ ମଡେଲିଂ ଏବଂ ଅଭିନୟ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ପାଇଁ ପ୍ରୟାସ କରୁଥିଲେ। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଟଣା ପୂର୍ବରୁ ନିଧି ଫୋନ୍ ?ରେ କାହା ସହିତ କଥା ହେଉଥିଲେ।' ପରିବାରଲୋକଙ୍କ ବୟାନ ସଂଗ୍ରହ ପରେ ପୁଲିସ ନିଧିଙ୍କ କଲ୍ ରେକର୍ଡ, ଡିଜିଟାଲ୍ କାର୍ଯ୍ୟକଳାପ ଏବଂ ଘଟଣା ସହ ଜଡ଼ିତ ପରିସ୍ଥିତିର ତଦନ୍ତ କରୁଛି। ମୋରୱା ପୁଲିସ ସୂତ୍ରରୁ ପ୍ରକାଶ, ତଦନ୍ତ ଶେଷ ହେବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସେମାନେ ଏହି ମାମଲାର ସମସ୍ତ ଦିଗକୁ ଯାଞ୍ଚ କରୁଛନ୍ତି ଏବଂ ପରିବାର ସଦସ୍ୟ ତଥା ପରିଚିତ ବ୍ୟକ୍ତିମାନଙ୍କୁ ପଚରାଉଚରା କରୁଛନ୍ତି।ନିଧି ତିୱାରୀ ସୋସିଆଲ୍ ମିଡିଆରେ ବେଶ୍ ସକ୍ରିୟ ଥିଲେ। ସେ 'ରିଲ୍ସ' ତିଆରି କରି ପୋଷ୍ଟ କରୁଥିଲେ, ଯାହା ବହୁତ ଲୋକପ୍ରିୟ ହେଉଥିଲା ଏବଂ ତାଙ୍କ ଆକାଉଣ୍ଟଗୁଡ଼ିକରେ ଲକ୍ଷ ଲକ୍ଷ ଫଲୋଅର୍ସ ଯୋଡ଼ି ହୋଇଥିଲେ।

## ସରଳ ଉପାୟରେ ପୂରଣ ହେବ ମନସ୍କାମନା



ଶ୍ରାବଣ ମାସ ଭଗବାନ ଶଙ୍କରଙ୍କ ପ୍ରିୟ ମାସ। ତେବେ ଭଗବାନଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।

ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

## ଏହିସବୁ ଉପାୟରେ ଦୂର କରନ୍ତୁ ଅଶୁଭ ଗ୍ରହର ପ୍ରଭାବ

ଅକୌଣସି ବ୍ୟକ୍ତିଙ୍କ କୁଣ୍ଡଳୀ ତା'ର ଜୀବନ ବିଷୟରେ ଅନେକ କିଛି ତଥ୍ୟ ଦେଇଥାଏ । ଅଶୁଭ ଗ୍ରହ ଯୋଗୁଁ ଅନେକଙ୍କ ଜୀବନରେ ଖରାପ ପ୍ରଭାବ ପଡିଥାଏ । ଯଦି ଆପରଙ୍କ ଉପରେ ଗ୍ରହର ଅଶୁଭ ପ୍ରଭାବ ପଡିଥାଏ ତେବେ ଜୀବନରେ ସବୁ କାମ ଅଶୁଭ ହୋଇଥାଏ । ଏମିତି କିଛି ଉପାୟ ରହିଛି,ଯାହା ସାହଯ୍ୟରେର ଆପଣ ନିଜ କୁଣ୍ଡଳୀରେ ଥିବା ଅଶୁଭ ଗ୍ରହଙ୍କ ଖରାପ ପ୍ରଭାବକୁ ଦୂର କରିପାରିବେ। ଆପଣଙ୍କ କୁଣ୍ଡଳୀରେ ଚନ୍ଦ୍ରମା ଦୁର୍ବଳ ହେଲେ ମାନସିକ ଚିନ୍ତା ଏବଂ ହୃଦ ସମ୍ବନ୍ଧୀୟ ରୋଗ ଦେଖାଦିଏ । ଚନ୍ଦ୍ରମାର ଅଶୁଭ ପ୍ରଭାବ ଯୋଗୁଁ ବ୍ୟକ୍ତି ମାନସିକ ରୂପେ ବହୁତ ଦୁର୍ବଳ ହୋଇପଡେ। ଚନ୍ଦ୍ରମାଙ୍କ ଅଶୁଭ ପ୍ରଭାବକୁ ଦୂର କରିବା ପାଇଁ ପ୍ରତି ସୋମବାର ଶିବଙ୍କ ଜଳାଭିଷେକ କରନ୍ତୁ ଏବଂ ଓଁ ଶ୍ରୀ ଶ୍ରୀ ସଃ ଚନ୍ଦ୍ରମସେ ନମଃ ମନ୍ତ୍ର ଜାପ କରନ୍ତୁ ।



ଯଦି ଆପଣଙ୍କ ଭାଗ୍ୟରେ ମଙ୍ଗଳ ଦୋଷ ରହିଥାଏ ତେବେ ବ୍ୟକ୍ତି ମାନସିକ ରରୂପେ ବହୁତ ଚିନ୍ତାରେ ରୁହେ । ଏଥିରୁ ନିଜକୁ ରକ୍ଷା କରିବା ଆପଣ ହନୁମାନଙ୍କ ଉପାସନା କରିବା ସହ ସୁନ୍ଦରକାଣର୍ଡ ପାଠ କରନ୍ତୁ।

ଆପଣଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଦୁର୍ବଳ ହେଲେ ମାନ ସମ୍ମାନ ହାନି ହୋଇଥାଏ । ଏପରି ସ୍ଥିତିରେ ରକ୍ଷା ପାଇବାକୁ ହେଲେ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ । ଏବଂ ଓଁ ସୂର୍ଯ୍ୟାୟଃ ନମଃ ଜପ କରନ୍ତୁ ।

କୁଣ୍ଡଳୀର ଶୁକ୍ରଙ୍କ ଖରରାପ ପ୍ରଭାବ ପଡିଲେ ବୈବାହିକ ଜୀବନରେ ଜଟିଳତା ଦେଖାଦିଏ । ଏଥିପାଇଁ ଶୁକ୍ରବାର ଦିନ ଚାଉଳ ଦାନ କରିବା ସହ ମା ଲକ୍ଷ୍ମୀଙ୍କ ପୂଜା କରନ୍ତୁ ।

କୁଣ୍ଡଳୀରେ ଶନିଙ୍କ ଖରାପ ପ୍ରଭାବ ପଡିଲେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଏ । କୌଣସି କାମରେ ସଫଳତା ମିଳିନଥାଏ । ଏଥିପାଇଁ ଆପଣ ଶନିବାର ଦିନ ଅଶ୍ୱତ୍ଥ ଗଛରେ ଜଳ ଅର୍ପଣ କରିବା ସହ ଗଛ ତଳେ ସୋରିଷ ତେଲରେ ଦୀପ ଜଳାନ୍ତୁ । ସମସ୍ୟାରୁ ମୁକ୍ତି ମିଳିବ ।

## ବୈଦିକ ସଂସ୍କୃତିରେ ଶିବ ତତ୍ତ୍ୱ

ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ସଚ୍ଚିଦାନନ୍ଦ ପରଂବ୍ରହ୍ମ ରୂପେ ଅଭିହିତ କରାଯାଇଥାଏ। ବାସ୍ତବରେ ବୈଦିକ ସାହିତ୍ୟର ଶୈବ ଉପାସନାର ଧାରା ଏଯାବତ ପ୍ରଚଳିତ ରହିଆସିଛି। ଐତିହାସିକମାନେ ଖ୍ରୀ:ପୂ: ୩୦୦୦ରେ ସିନ୍ଧୁ ସଭ୍ୟତାର ବିକାଶ ସମୟରେ ପଶୁପତି ଉପାସନା ପ୍ରଚଳିତ ଥିବା ବିଷୟରେ ମତ ଦେଇଛନ୍ତି। କୂର୍ମ ପୁରାଣ ଓ ବାୟୁ ପୁରାଣ ମତରେ କଳିଯୁଗରେ ନର୍ମଦା ନଦୀ କୂଳରେ କରବଣ ଗ୍ରାମରେ ଶିବ ଏକ ଅଗ୍ନିହୋତ୍ରୀ ବ୍ରାହ୍ମଣ ରୂପରେ ଜନ୍ମ ଗ୍ରହଣ କରିଥିଲେ। ପାତଞ୍ଜଳିଙ୍କ ଯୋଗସୂତ୍ରରେ ଶିବ ଭାଗବତ ମାନଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ମେଘାସ୍ଥିନିସ୍ଙ୍କ ଐତିହାସିକ ବିବରଣୀରେ ମଧ ଶିବ ଉପାସନା ସମ୍ପର୍କରେ ଉଲ୍ଲେଖ ରହିଛି। କୁଶାଣମାନଙ୍କ ମୁଦ୍ରାରେ ମଧ ଏକ ପାର୍ଶ୍ୱରେ ଶିବ ତ୍ରୀଶୁଳ ଧରିଥିବା ଓ ଅନ୍ୟପାର୍ଶ୍ୱରେ ବୃଷଭ ଥିବାର ଦେଖାଯାଏ। ଗୁପ୍ତଯୁଗରେ ଶୈବଧର୍ମର ବିକାଶ ବିଷୟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମଥୁରା ଶିଳାଲିପିରୁ ଜଣାଯାଏ। ମହାଭାରତ,ଶିବ ପୁରାଣ,ସ୍କନ୍ଦ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଲିଙ୍ଗ ପୁରାଣ ଓ ବିଷ୍ଣୁ ପୁରାଣ ପ୍ରଭୃତିରେ ଶିବଙ୍କ ମହିମା ଓ ଦାର୍ଶନିକ ରହସ୍ୟ ବର୍ଣ୍ଣନା କରାଯାଇଛି।

ସମସ୍ତ ଦର୍ଶନ ସର୍ବପ୍ରଥମେ ଶିବଙ୍କ ମୁଖରୁ ନିଃସୃତ ହୋଇ ଗିରିଜାଙ୍କ କର୍ଣ୍ଣରେ ପ୍ରବେଶ କରିଥିବାରୁ ତନ୍ତ୍ରକୁ ଆଗମ କୁହାଯାଏ। ତନ୍ତ୍ର ମତରେ ଶିବଙ୍କୁ ସକଳ ନିଷ୍କଳ ରୂପେ ଅର୍ଚ୍ଚନା କରାଯାଏ। ସକଳ ଅର୍ଥାତ ସାକାର ରୂପେ ଶିବଙ୍କୁ ପଂଚବକ୍ତ୍ର ଭାବରେ ଧ୍ୟାନ କରାଯାଏ। ସେହି ପଂଚବକ୍ତ୍ର ହେଲେ – ସଦ୍ୟୋଜାତ, ବାମଦେବ, ଅଘୋର, ତତ୍ପୁରୁଷ ଓ ଇଶାନ। ନିଷ୍କଳ ରୂପରେ ସେ ନିରାକାର,ନିର୍ଗୁଣ ପରଂବ୍ରହ୍ମ ରୁପରେ ଉପାସିତ। ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ପ୍ରମାଣିକ ଭାବରେ ସମନ୍ୱୟବାଦର ମତ ପ୍ରବର୍ତନ କରି ପଂଚାୟତନ ପୂଜାର ବ୍ୟବସ୍ଥା କରି ଶୈବ ଦର୍ଶନର ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥିଲେ। ତେଣୁ ତାଙ୍କ ମତରେ—



"ନ ଶୈବୋ ନ ଶାକ୍ତୋ ନ ବା ବୈଷ୍ଣବୋ ବା,
ଚିଦାନନ୍ଦ ରୂପଂ ଶିବୋହଂ ଶିବୋହମ୍"।

ଉପମନ୍ୟୁ ଜଣେ ଶ୍ରେଷ୍ଠ ଶିବଭକ୍ତ ଥିଲେ। ଗୁରୁଙ୍କ ନିର୍ଦ୍ଦେଶରେ ଗାଇ ଚରାଉଥିବା ସମୟରେ ବାଛୁରୀର କ୍ଷୀର ଖାଇବାକୁ ବାରଣ ଫଳରେ ଅର୍କପତ୍ର ଖାଇ ସେ ଚକ୍ଷୁ ହରାଇଥିଲେ। ପୁନର୍ବାର ଶିବଙ୍କୁ ଧ୍ୟାନ କରିବା ପରେ ସେ ନିଜର ଚକ୍ଷୁ ଫେରି ପାଇଥିଲେ। ତାଙ୍କ ରଚିତ ଶିବସ୍ତୁତି ଏକ ଅଦ୍ୱିତୀୟ ରଚନା। ଋଷି ମାର୍କଣ୍ଡେୟ ଶିବତତ୍ତ୍ୱର ସମ୍ପୁର୍ଣ୍ଣ ଜ୍ଞାନ ବଳରେ ଓ ତ୍ର୍ୟମ୍ବକ ମନ୍ତ୍ର ଜପକରି ଚିରଞ୍ଜିବୀ ହୋଇଥିଲେ। ଇଶାନ ସଂହିତାରେ ଯଥାର୍ଥରେ ଶିବରାତ୍ରି ବ୍ରତ ସଂପର୍କରେ କୁହାଯାଇଛି-ଶିବରାତ୍ରି ବ୍ରତଂ ପୁଣ୍ୟଂ ସର୍ବପାପ ପ୍ରଣାଶନମ୍। ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି, ମୁକ୍ତି ପ୍ରଦାୟକମ୍। ଫାଲ୍ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଶିବରାତ୍ରି ପାଳନ କରାଯାଏ। ଏହି ବ୍ରତ ପାଳନ ମୂଳରେ ଏକ ଲୋକକଥା ବହୁଳ ପ୍ରଚଳିତ। ଥରେ ବାରାଣସୀରେ ସୁସ୍ୱର ନାମକ ଗୋଟିଏ ଶିକାରୀ ଏକ ହରିଣ ଶୀକାର କରି ଜଙ୍ଗଲ ମଧ୍ୟରେ ଘରକୁ ଫେରୁଥିବା ସମୟରେ ରାତ୍ରିର ଆଗମନ ଯୋଗୁଁ ସେ ଆଉ ଅଗ୍ରସର ନ ହୋଇ ରାତ୍ର ଯାପନ ପାଇଁ ଗୋଟିଏ ବୃକ୍ଷ ଉପରେ ରହି ରାତ୍ର ଯାପନ କରିଥିଲା। କ୍ଷୁଧା ଓ ଆତ୍ମୀୟଙ୍କ ଚିନ୍ତାରୁ ଦୁଃଖ ସହିତ ତାର ଲୋତକରୁ ଅଶୃ ନିର୍ଗତ ହୋଇ ତଳେ ପଡୁଥିଲା। ଅଲକ୍ଷରେ ସେ ବୃକ୍ଷର ପତ୍ରକୁ ଛିଣ୍ଡାଇ ପକାଉଥିଲା। ଯେଉଁ ବୃକ୍ଷ ଉପରେ ସେ ଆଶ୍ରୟ ନେଇଥିଲା ସେ ବୃକ୍ଷଟି ଥିଲା ବେଲ ବୃକ୍ଷ। ଅଲକ୍ଷରେ ବେଲପତ୍ର ଛିଣ୍ଡାଇ ତଳକୁ ପକାଉଥିଲା ମାତ୍ର ତଳେ ଶିବଲିଙ୍ଗ ଟିଏ ଥିଲା। ତେଣୁ ସେ ଶିକାରୀ ମୃତ୍ୟୁ ପରେ ଅଲକ୍ଷରେ କରିଥିବା ଶିବ ପୂଜାର ପ୍ରଭାବରେ ଶିବଲୋକ ପ୍ରାପ୍ତ ହୋଇଥିଲା। ବାସ୍ତବିକ ଶିବରାତ୍ରିର ମହିମା ଅବର୍ଣ୍ଣନୀୟ। ଚତୁର୍ଦ୍ଦଶୀର ଚାରି ପ୍ରହରରେ ଭକ୍ତମାନେ ଦୁଗ୍ଧ, ଦଧି, ଘୃତ ଓ ମହୁରେ ଶିବଲିଙ୍ଗଙ୍କୁ ଅଭିଷେକ କରି ନାନାବିଧ ପୁଷ୍ପ, ଧୂପ ଓ ନୈବିଦ୍ୟ ସମର୍ପଣ କରନ୍ତି ଏବଂ ରାତ୍ର ଉଜାଗର ରହି ମହାଦୀପ ଦର୍ଶନ କରି କୃତାର୍ଥ ହୁଅନ୍ତି ଓ ନିଜ ଆତ୍ମାରେ ଜ୍ଞାନ ଓ ସତ୍ୟର ଜ୍ୟୋତିକୁ ପ୍ରଜ୍ୱଳିତ କରି ଅଖଣ୍ଡ ଶିବ ଚେତନା ଲାଭ କରିଥାନ୍ତି।

## ଅଧର୍ମୀଙ୍କୁ ବିନାଶ କରି ଧର୍ମ ପ୍ରତିଷ୍ଠା

ଧର୍ମାତ୍ମା ବ୍ୟକ୍ତି ସର୍ବଦା ଅନ୍ୟମାନଙ୍କ ପାଇଁ ଧମାଚରଣର ଚିହ୍ନ ଅଙ୍କିତ କରିଚାଲିବ । ସେ ବ୍ୟକ୍ତିଗତ ଜୀବନରେ ଅନ୍ୟାୟ କରିବ ନାହିଁ କିମ୍ବା ଅନ୍ୟାୟ ସହିବ ନାହିଁ । ସେ ସାମାଜିକ ଜୀବନରେ ମଧ କୌଣସି ଅନ୍ୟାୟ କରିବ ନାହିଁ । ଯେଉଁ



ଦିଗରେ ଅନ୍ନ, ବସ୍ତ୍ର, ଶିକ୍ଷା, ଚିକିତ୍ସାର ବ୍ୟବସ୍ଥା ଥିବ ସେ ସେହି ଦିଗ ପ୍ରତି ଗୁରୁତ୍ୱଦେବ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଅବତାର ନେଇଥିଲେ । ସେ ସମୟରେ ସାରା ଭାରତ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ରହିଥିଲା। ଛୋଟ ଛୋଟ ରାଜ୍ୟ କେବଳ ପରସ୍ପର ସହ କ୍ଷମତା ପାଇଁ ସଂଘର୍ଷ କରୁଥିଲେ। ଚାରିଆଡ଼େ ଅଧର୍ମ ଖେଳିଯାଇଥିଲା। କେହି କାହାରିକୁ ସହିପାରୁନଥିଲେ। ଯୁଦ୍ଧ ଏବଂ ସଂଘର୍ଷରେ ସର୍ବଦା ବ୍ୟସ୍ତ ରହୁଥିବାରୁ ଲୋକ କଲ୍ୟାଣ ପାଇଁ ରାଜାମାନେ ଗୁରୁତ୍ୱ ଦେଉନଥିଲେ । ତତ୍କାଳୀନ ରାଜାମାନେ ସାମ୍ରାଜ୍ୟବିସ୍ତାର ଲାଳସାରେ ନାନା ଅଧର୍ମ କରୁଥିଲେ । ସର୍ବଦା ଯୁଦ୍ଧ ଲାଗି ରହୁଥିବାରୁ ଧନଜୀବନ ବିପନ୍ନ ହେଉଥିଲା । ବଡ଼ ରାଜାମାନେ ଅତ୍ୟାଚାରୀ ହୋଇପଡ଼ିଥିଲେ। ଛୋଟ ରାଜାମାନେ ଆତ୍ମରକ୍ଷା କରିବାରେ ଅସମର୍ଥ ଥିଲେ, ତେଣୁ ଜନକଲ୍ୟାଣ କରିବା ମଧ ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା । ତେଣୁ ସମସ୍ତଙ୍କୁ ଏକ ଗୋଟିଏ ସୂତ୍ରରେ ବାନ୍ଧି ଧର୍ମରାଜ୍ୟ ସ୍ଥାପନ କରିବା ଜରୁରୀ ହୋଇପଡ଼ିଥିଲା। ଖଣ୍ଡ ଖଣ୍ଡ ହୋଇ ବିଭାଜିତ ଭାରତକୁ ଏକତ୍ର କରିବା, ଏବଂ ଏକ ସ୍ୱୟଂସମ୍ପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ କରି ମନୁଷ୍ୟଜାତିକୁ ଏକ ନୂତନ ପଥ ଦେଖାଇବା ଉଦ୍ଦେଶ୍ୟରେ ଭଗବାନ ଶ୍ରୀକୃଷ୍ଣ ଗୁରୁଦାୟିତ୍ୱ ବହନ କରିଥିଲେ।

ସେ ପ୍ରଥମେ ସମସ୍ତ ଧର୍ମବୁଦ୍ଧି ସମ୍ପନ୍ନ ରାଜା ଏବଂ ସାଧାରଣ ଜନତାଙ୍କୁ ଏକତ୍ର କରିବାର ପ୍ରୟାସ କରିଥିଲେ । ଅଙ୍ଗ, ବଙ୍ଗ, କଳିଙ୍ଗ, ସୌରାଷ୍ଟ୍ର, ମଗଧ ଆଦି ଛୋଟ ଛୋଟ ରାଜ୍ୟକୁ ଗୋଟିଏ ସାମ୍ରାଜ୍ୟ ଅଧୀନକୁ ଆଣି ଏକ ଧର୍ମରାଜ୍ୟ ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରିଥିଲେ। ଏହାଦ୍ୱାରା ରାଜାମାନେ ଏକତ୍ରିତ ହୋଇଥିଲେ । ନୂଆ ଆଦର୍ଶ ନେଇ ଆସିବାରୁ କିଛି ଲୋକ ଶ୍ରୀକୃଷ୍ଣଙ୍କ ସମର୍ଥନ କଲେ ଏବଂ ଅନ୍ୟ କିଛି ଲୋକ ତାଙ୍କୁ ଘୋର ବିରୋଧ କଲେ । ଏହାପରେ ଶ୍ରୀକୃଷ୍ଣ ମହାଭାରତ ଭଳି ମହାଯୁଦ୍ଧର ସର୍ଜନା ଆରମ୍ଭ କଲେ। ଅଧର୍ମୀଙ୍କ ବିନାଶ କରିବା ସହ ଧର୍ମ ପ୍ରତିଷ୍ଠା କରିବା ଏବଂ ଜନକଲ୍ୟାଣ ପାଇଁ ସମୃଦ୍ଧ ରାଷ୍ଟ୍ରଗଠନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। ଧର୍ମଯୁଦ୍ଧରେ ଅଧର୍ମୀଙ୍କ ପରାଜୟ ହେଲା। ଯୁଧିଷ୍ଠିର ଧର୍ମରାଜ୍ୟ ସ୍ଥାପନ କଲେ । ଶ୍ରୀକୃଷ୍ଣ ନିଃସନ୍ଦେହରେ ଧର୍ମଗୁରୁ ଥିଲେ। ସେ ଧର୍ମତତ୍ତ୍ୱ ଜ୍ଞାନ ସାରା ସଂସାରକୁ ଦେଇଗଲେ। ଧର୍ମପଥରେ ଚାଲିବାର ପ୍ରେରଣା ପ୍ରଦାନ କରି ସେ ମାନବ ଜଗତର ଉଦ୍ଧାର କରିଥିଲେ ।

ନଗରନକ୍ସା
ମହାନଗରର ନିଜ ଭାଷା
ମଙ୍ଗଳବାର, ୨୯ ସେପ୍ଟେମ୍ବର, ୨୦୨୬


# ଓଡ଼ିଶାରେ ସମନ୍ୱିତ କ୍ଲଷ୍ଟର ବିକାଶ ନେଇ ବୈଠକ



ଭୁବନେଶ୍ୱର, ୨୮।୯ (ମହାଭାରତ): ଓଡ଼ିଶାରେ କୃଷି, ଉଦ୍ୟାନ କୃଷି, ମସ୍ୟ ଓଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟରେ ପ୍ରଥମ ସମନ୍ୱିତ କ୍ଲଷ୍ଟର ବିକାଶ ପଦକ୍ଷେପ(ଆଇସିଡିଆଇ) ପରାମର୍ଶ କର୍ମଶାଳା ଲୋକସେବା ଭବନସ୍ଥିତ ରାଜ୍ୟ କନଭେନସନ ସେଂଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳରେ ଉପରୋକ୍ତ କ୍ଷେତ୍ରରେ କ୍ଲଷ୍ଟରଭିତିକ ବିକାଶର ସମ୍ଭାବନା, ପ୍ରାଥମିକ କ୍ଷେତ୍ର ଚିହ୍ନଟ, ପରିଲକ୍ଷିତ ହେଉଥିବା ଅଭାବର ଦୂରୀକରଣ, ଅନୁଷ୍ଠାନିକ ସମନ୍ୱୟ ଓ ପରବର୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନେଇ ବିସ୍ତୃତ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦ(ଇଏସି-ପିଏମ), ନୀତି ଆୟୋଗ ଏବଂ ଓଡ଼ିଶା ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର ଅଧକ୍ଷ ପ୍ରଫେସର ଏସ୍. ମହେନ୍ଦ୍ର ଦେବ, ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶକ (ଅର୍ଥନୈତିକ ଓ ଆର୍ଥିକ) ର ଡଃ. ପ୍ରଭାକର ସାହୁ, ଇଏସି- ପିଏମ୍ ର ଯୁଗ୍ମ ଶାସନ ସଚିବ ଡଃ. କେ.କେ.ତ୍ରିପାଠୀ, ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ମସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମ ଚନ୍ଦ୍ର ଚୌଧାରୀ, ଆନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ(ଆଇଏଫପିଆରଆଇ)ର ବରିଷ୍ଠ ଗବେଷିକା ଡଃ ସୁଧା ନାରାୟଣନ, ଇଏସି-ପିଏମ, ନୀତି ଆୟୋଗଏବଂ ସଂପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

କର୍ମଶାଳାର ଉଦ୍ଘାଟନୀ ଅଧିବେଶନରେପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦର ଅଧକ୍ଷ ପ୍ରଫେସର ଦେବ ଯୋଗଦେଇ ବିଭିନ୍ନ କୃଷିଭିତିକ ଉତ୍ପାଦନରୁ କିପରି ଅଧିକ ଆୟ ସୃଷ୍ଟି କରାଯାଇପାରିବ, ସେଥିପାଇଁ 'ଉତ୍ପାଦନଭିତିକ ଆଭିମୁଖ୍ୟ'ରୁ 'କୃଷି ଆୟଭିତିକ ଆଭିମୁଖ୍ୟ'କୁ ଗୁରୁତ୍ୱ ଦେବାଉପରେ ଆଲୋକପାତ କରିଥିଲେ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ସହ ଫସଲ ଅମଳ ପରବର୍ତୀ ଉତ୍ପାଦନ ହାର ବୃଦ୍ଧି, କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କ ଉନ୍ନତି, କୃଷକ ଉତ୍ପାଦକ ଗୋଷ୍ଠୀ, ସମବାୟ ସମତିଗୁଡ଼ିକ ସମ୍ମିଳିତ ପ୍ରୟାସରେ ଅଭିବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପାଇଲଟ୍ ପ୍ରୋଜେକ୍ଟ ଭାବେ ଏହା ପ୍ରଥମେ ପୁରୀ ଓ ଗଂଜାମ ଜିଲ୍ଲାରେ କ୍ଲଷ୍ଟର ବିକାଶ ପଦକ୍ଷେପ ଆରମ୍ଭ କରାଯିବା ନେଇ ଆଲୋଚନା କରାଯାଇଥିଲା ।ପରବର୍ତୀ ପର୍ଯ୍ୟାୟରେ ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର ଓ ଦେଓଗଡ଼ ଜିଲ୍ଲାରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଏ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଉପସ୍ଥିତ ଥିଲେ।

ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ବିକଶିତ ଓଡ଼ିଶାର ସଫଳତା ବିକଶିତ ଭାରତର ଲକ୍ଷ୍ୟ ସାଧନରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ।ରାଜ୍ୟର ପ୍ରତ୍ୟେକ ଅଞ୍ଚଳର ସାମର୍ଥ୍ୟକୁ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରି ସମାବେଶୀ ଓ ସନ୍ତୁଳିତ ବିକାଶ ନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।କୃଷି ଉତ୍ପାଦନ ସହମୂଲ୍ୟଯୁକ୍ତ ଉତ୍ପାଦନ, ପ୍ରକ୍ରିୟାକରଣ ଓ ବଜାର ସଂଯୋଗକୁ ଏକୀକୃତ କରି 'ଉତ୍ପାଦନରୁ ବଜାର' ପର୍ଯ୍ୟନ୍ତ ସମଗ୍ର ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବାଆବଶ୍ୟକ ବୋଲି ସେ କହିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ ଗଞ୍ଜାମ ଓ ପୁରୀକୁ ପ୍ରାଥମିକ କ୍ଲଷ୍ଟର ଭାବେ ନେଇ କାଜୁ, ଆମ୍ବ, ପନିପରିବା, ମସଲା ଆଦିର ଉତ୍ପାଦନ ସହିତ ସଂଗ୍ରହ, ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ଓ ବଜାର ସଂଯୋଗକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

## ତାପଜ ବିଦ୍ୟୁତ କେନ୍ଦ୍ରରୁ ମିଳୁଛି ସିଂହଭାଗ ବିଜୁଳି

ଭୁବନେଶ୍ୱର, ୨୮।୯ (ମହାଭାରତ): ରାଜ୍ୟକୁ ଯେତିକି ମିଳୁଛି ତାହାର ସିଂହଭାଗ ଆସୁଛି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ। ଉଭୟ କେନ୍ଦ୍ରୀୟ ସଂସ୍ଥା ଓ ରାଜ୍ୟ ସରକାର ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଅଧିକ ପରିମାଣର ବିଜୁଳି ଉତ୍ପାଦନ କରି ରାଜ୍ୟକୁ ଦେଉଛନ୍ତି। ରାଜ୍ୟରେ ମିଳୁଥିବା



ବିଦ୍ୟୁତ୍ ଶକ୍ତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ବିଭିନ୍ନ ସୂତ୍ରରୁ ରାଜ୍ୟକୁ ହାରାହାରି ୧୦,୫୩୭ ମେଗାୱାଟ ବିଦ୍ୟୁତ ମିଳିଛି। ଏଥିରୁ କେନ୍ଦ୍ରୀୟ ଉତ୍ସରୁ ୪୩୮୯ ମେଗାୱାଟ ମିଳିଥିବାବେଳେ ରାଜ୍ୟ ଉତ୍ସରୁ ୬୧୪୮ ମେଗାୱାଟ ବିଜୁଳି ମିଳିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ଉତ୍ସରୁ ମିଳିଥିବା ବିଦ୍ୟୁତ୍ରୁ ସିଂହଭାଗ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଆସିଛି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଝାରସୁଗୁଡା ଜିଲ୍ଲାରେ ୪୮୪୦ ମେଗାୱାଟ କ୍ଷମତା ବିଶିଷ୍ଟ ତାପଜ ବିଦ୍ୟୁତ୍ କେନ୍ଦ୍ର ଥିବାବେଳେ ରାଜ୍ୟ ଅଂଶ ବାବଦରେ ଗ୍ରିଡକୋକୁ ୨୫୪୪ ମେଗାୱାଟ ବିଜୁଳି ମିଳୁଛି। ତେବେ ଜିଲ୍ଲାରେ ଥିବା ତାପଜ ବିଦ୍ୟୁତ କେନ୍ଦ୍ର ମଧ୍ୟରୁ ଗୋଟିଏ ବେସରକାରୀ ସଂସ୍ଥା ସେମାନଙ୍କ କେନ୍ଦ୍ରରୁ ଉତ୍ପାଦିତ ପାଉଁଶର ଶତ ପ୍ରତିଶତ ବ୍ୟବହାର କରୁଥିବାବେଳେ ସରକାରୀ ସଂସ୍ଥା ଓପିଜିସି କିନ୍ତୁ ଉଦବୃତ ପାଉଁଶର ଶତ ପ୍ରତିଶତ ବ୍ୟବହାରରେ ସଫଳ ହୋଇପାରି ନାହିଁ।

## ସ୍କାଉଟସ୍ ଏବଂ ଗାଇଡସ ସମ୍ମାନ ଦିବସ




ଭୁବନେଶ୍ୱର, ୨୮।୯ (ମହାଭାରତ): ଆନ୍ତର୍ଜାତୀୟ ଶାନ୍ତି ଦିବସରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ପକ୍ଷରୁ ରାଜ୍ୟ ମୁଖ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭା ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ସମ୍ମାନୀତ ଅତିଥି ଭାବରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ର ଉପସଭାପତି ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲାଇଫ ଟାଇମ୍ ଆଚିଭ୍ମେଣ୍ଟ ସମ୍ମାନରେ ଶ୍ରୀମତୀ ଆଶାଲତା ଦାଶ, ରାଧାନାଥ ସେବା ସମ୍ମାନରେ ଦିଜବର ନାୟକ ଓ ମିସ୍ ମଞ୍ଜୁଳା ତ୍ରିପାଠୀ, ରଘୁନାଥ ସେବା ସମ୍ମାନରେ ଦାଶରଥୀ ଶତପଥୀ, ରମେଶ ଚନ୍ଦ୍ର ପଣ୍ଡା, ସୁଧାକର ମହାପାତ୍ର ଓ ଦେବରାଜ ନାୟକ ଏବଂ ୩୫ ଜଣଙ୍କୁ ରାମମୂର୍ତ୍ତି ସେବା ସମ୍ମାନ ଓ ବସନ୍ତ ସେବା ସମ୍ମାନରେ ପ୍ରମାଣପତ୍ର ସହିତ ଫଳକ ଦିଆଯାଇ ସମ୍ମାନୀତ କରାଯାଇଥିଲା। ରାଜ୍ୟ ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ରାଜ୍ୟ ସଂପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଏଏସ୍‌ରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୮।୯ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ)ର ପ୍ରଥମ ବର୍ଷର ବିଏସ୍‌ସି (ଅନର୍ସ) ଏଗ୍ରିକଲ୍‌ଚର ନୂତନ ଛାତ୍ରଛାତ୍ରୀଙ୍କ ୧୪ ତମ ବ୍ୟାଚ ନିମନ୍ତେ ଓରିଏଂଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ବ୍ୟବସ୍ଥା ଓ ସମ୍ବଳର ସୁଯୋଗ ନେବା ନିମନ୍ତେ ଛାତ୍ରଛାତ୍ରୀ ମାନଙ୍କୁ ବିଶେଷ ସୂଚନା ଦେଇଥିଲେ। ଶୃଙ୍ଖଳିତ, କଠିନ ପରିଶ୍ରମ ଓ ସମୟାନୁବର୍ତିତା ହେବା ସହ ଅଧ୍ୟବସାୟର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଆରମ୍ଭ କରିବାକୁ ଯାଉଛ ବୋଲି ପ୍ରଫେସର ନନ୍ଦ ସେମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଛାତ୍ରଛାତ୍ରୀଙ୍କର ଆଚରଣ, ସତ୍ୟତା ଏବଂ ସଚ୍ଚୋଟତା ହିଁ ଭବିଷ୍ୟତରେ ବିଶ୍ୱବିଦ୍ୟାଳୟ ନିମନ୍ତେ ସମ୍ମାନ ବୃଦ୍ଧି କରିବ ବୋଲି କୁଳପତି କହିଥିଲେ।



ଏହି ସାମ୍ପ୍ରତିକ ଯୁଗରେ କୃଷି କେବଳ ଚାଷରେ ସୀମିତ ନ ରହି ବରଂ ବୈଜ୍ଞାନିକ ଗବେଷଣା ଓ ଉଦ୍ୟୋଗର ଏକ ବଡ ମାଧ୍ୟମ। କୃଷି କ୍ଷେତ୍ରରେ ନୂତନ ଜ୍ଞାନ କୌଶଳ ଓ ଗବେଷଣାର ଆବଶ୍ୟକତା ବୃଦ୍ଧି ପାଉଥିବା ବେଳେ ସୋଆ ଆଇଏଏସରେ ଅଧ୍ୟୟନ କରିବା ପାଇଁ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ବେଶ ଉତ୍ସାହୀ ବୋଲି ପ୍ରଫେସର ନନ୍ଦ କହିଥିଲେ। ସେହିପରି ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ନିଜକୁ କେବଳ ପାଠପଢ଼ା ଭିତରେ ସୀମିତ ନ ରଖି କିଭଳି ସମାଜର ସର୍ବାଙ୍ଗୀନ ଉନ୍ନତି କରିପାରିବେ ସେ ନେଇ ଆହ୍ୱାନ ଦେଇଥିଲେ। ବଡ ସ୍ୱପ୍ନକୁ ସାକାର କରିବାକୁ ହେଲେ ନିଜ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ରଖିବା ଉଚିତ୍। ଏହି ମନୋଭାବ ନେଇ ମାଟି ପାଇଁ କାମ କଲେ ସେହି ମାଟି ଦିନେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗର୍ବିତ ହେବ ବୋଲି ପ୍ରଫେସର ଦାସ ମତ ବ୍ୟକ୍ତ କରିଥିଲେ।

ଭାରତ ସରକାରଙ୍କ ଜାତୀୟ ଶିକ୍ଷାନୀତି ଅନୁସାରେ ସେପ୍ଟେମ୍ବର ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସଂସ୍କୃତି, ଶୈକ୍ଷିକ ବାତାବରଣ, ମୂଲ୍ୟବୋଧ ପାଠ୍ୟକ୍ରମ ଓ ଏହାର ବିଭିନ୍ନ ଦିଗ ବିଷୟରେ ଶିକ୍ଷାବିତ, କୃଷି ବିଜ୍ଞାନୀ ଓ ଅଭିଜ୍ଞ ଅଧ୍ୟାପକମାନେ ନୂତନ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରାଇବେ। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କହିଥିଲେ ଯେ ବର୍ତମାନ ସମୟରେ କୃଷି ଆଉ ପାରମ୍ପରିକ ବ୍ୟବସାୟ ଭାବେ ସୀମିତ ହୋଇ ରହି ନାହିଁ। ଏହା ଖାଦ୍ୟ ସୁରକ୍ଷା, ଜଳବାୟୁ ପରିର୍ତନ, ପ୍ରଯୁକ୍ତି ବିଦ୍ୟା, ଗ୍ରାମୀଣ ବିକାଶ, ଉଦ୍ୟୋଗ ଏବଂ ସମାଜ କଲ୍ୟାଣ ସହିତ ମଧ୍ୟ ଜଡିତ ହୋଇଯାଇଛି। ଚାକିରି ପଛରେ ସମୟ ଅତିବାହିତ ନ କରି ବରଂ ସଫଳ ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କୁ ବୃତି ପ୍ରଦାନ କରିବା ଆବଶ୍ୟକ। ପରିବର୍ତିତ ଜଳବାୟୁ ପରିସ୍ଥିତିରେ କୃଷି ଭିତିକ ଶିକ୍ଷା ଲାଭକୁ କିପରି ଭାବେ ସମାଜ ସୁରକ୍ଷା, କୃଷିର ସୁରକ୍ଷା ଓ କୃଷି ଉତ୍ପାଦନରେ ନିୟୋଜିତ କରାଯାଇ ପାରିବ ସେ ନେଇ ଛାତ୍ରଛାତ୍ରୀଙ୍କୁ ପ୍ରଫେସର ରାଉତ ଆହ୍ୱାନ ଦେଇଥିଲେ। ଉଦ୍ଭିଦ ସଂଗଠନ ବିଭାଗୀୟ ମୁଖ୍ୟ ପ୍ରଫେସର ସରୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନ୍ୟାୟରୁ ବଞ୍ଚିତଙ୍କ ସ୍ୱର ହୁଅନ୍ତୁ ଆଇନ୍ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୮।୯ (ମହାଭାରତ): ଆଇନର କ୍ଷେତ୍ର ଓ ପରିସର ଦିନକୁ ଦିନ ବ୍ୟାପକ ହେଉଥିବାରୁ ବର୍ତମାନ ଆଇନ ଶିକ୍ଷା ପ୍ରତି ଆକର୍ଷଣ ବୃଦ୍ଧି ପାଇଛି ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର କହିଛନ୍ତି। "ଆଇନ ପେସା ଆପଣଙ୍କୁ ନ୍ୟାୟ ସପକ୍ଷରେ ଛିଡ଼ା ହେବା ଏବଂ ନ୍ୟାୟରୁ ବଂଚିତ ଲୋକଙ୍କ ନିମନ୍ତେ ସ୍ୱର ହେବାର ସୁଯୋଗ ପ୍ରଦାନ କରେ," ରବିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍‌ଏନ୍‌ଆଇଏଲ୍)ର ୧୬ତମ ଅନୁଷ୍ଠାପନ କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଜଷ୍ଟିସ୍ ମହାପାତ୍ର ଏହା କହିଥିଲେ। "ଆଇନର ଏହି ଅଦ୍ଭୁତ ଜଗତକୁ ଆପଣମାନଙ୍କୁ ସ୍ୱାଗତ," ବୋଲି କହିବା ସହ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ପାଂଚଟି ମୂଳମନ୍ତ୍ର ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଆଇନ କ୍ଷେତ୍ରରେ ସଫଳତା ପାଇଁ ନିଷ୍ଠା, ଧୈର୍ଯ୍ୟ ଓ ଦୃଢ଼ତା ସହିତ ଅଭ୍ୟାସ ଓ କାର୍ଯ୍ୟଦକ୍ଷତା ଆବଶ୍ୟକ। ଏହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ବିଶିଷ୍ଟ ଆଇନ ବିଶେଷଜ୍ଞ ଫାଲି ଏସ୍. ନାରିମାନଙ୍କ ଉକ୍ତିକୁ ଉଦ୍ଧୃତ କରି ଜଷ୍ଟିସ୍ ମହାପାତ୍ର କହିଥିଲେ ଯେ, ଥରେ ଆଇନର ଛାତ୍ର ହେଲେ ଜୀବନବ୍ୟାପୀ ଆଇନର ଛାତ୍ର ହୋଇ ରହିବାକୁ ପଡ଼ିଥାଏ। ଯେ କୌଣସି କ୍ଷେତ୍ରରେ ସଫଳତା ପାଇଁ ନିଷ୍ଠା ଓ ଆଗ୍ରହ ଆବଶ୍ୟକ ଏବଂ ଆଇନ ପେସା ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ ବୋଲି ସେ କହିଥିଲେ। ସମାଜ ଆଇନର ଶାସନ ଦ୍ୱାରା ପରିଚାଳିତ ହେଉଥିବାରୁ ଛାତ୍ରଛାତ୍ରୀମାନେ ଧୈର୍ଯ୍ୟର ସହ ଜ୍ଞାନ ଆହରଣ କରିବା ଆବଶ୍ୟକ ବୋଲି ସେ କହିଥିଲେ।




ଆଇନ ପେସାରେ ଆଗକୁ ବଢ଼ିବା ପାଇଁ ଦୃଢ଼ତା ଆବଶ୍ୟକ। ନିଜର ଦକ୍ଷତାକୁ ଶାଣିତ କରିବା ପାଇଁ ନିରନ୍ତର ଅଭ୍ୟାସ ସହ ପେସାଗତ ସଚ୍ଚୋଟତା ବଜାୟ ରଖି ନିଷ୍ଠାର ସହ କାର୍ଯ୍ୟ ସଂପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଜଣେ ଆଇନଜୀବୀଙ୍କୁ ପ୍ରଥମେ ମହକିଲଙ୍କ କଥା ଧ୍ୟାନର ସହ ଶୁଣିବା, ଆଇନଗତ ପ୍ରସଙ୍ଗଗୁଡ଼ିକୁ ପରୀକ୍ଷା କରିବା ଏବଂ ଅଦାଲତରେ ମାମଲା ଯୁକ୍ତି କରିବା ପୂର୍ବରୁ ସମ୍ଭାବନାଗୁଡ଼ିକୁ ତର୍ଜମା କରିବା ଆବଶ୍ୟକ ବୋଲି ସେ କହିଥିଲେ। "ଅଦାଲତକୁ ବୁଝାଇବା ପୂର୍ବରୁ ଆପଣଙ୍କୁ ନିଜେ ନିଶ୍ଚିତ ହେବାକୁ ପଡ଼ିବ ଯେ ଆପଣଙ୍କ ଯୁକ୍ତିର ଦୃଢ଼ ଆଧାର ରହିଛି। ଏହାକୁ ଦସ୍ତାବିଜ ଓ ପୂର୍ବର ରାୟ ଦ୍ୱାରା ସମର୍ଥନ କରିବାକୁ ପଡ଼ିବ। ଅଦାଲତକୁ ନିଜ ଯୁକ୍ତି ସହ ଏକମତ କରାଇବାର ଦକ୍ଷତା ଜଣେ ଆଇନଜୀବିଙ୍କ ନିକଟରେ ରହିବା ଆବଶ୍ୟକ,"ବୋଲି ସେ କହିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଏହି ବିଶ୍ୱବିଦ୍ୟାଳୟ ଉଚ୍ଚମାନର ଶିକ୍ଷା ଓ ଗବେଷଣା ଉପରେ ଗୁରୁତ୍ୱାରୋପ କରେ ବୋଲି କହିଥିଲେ।

## ପାଚକ ପାଚିକା ମହାସଂଘ ତରଫରୁ ବିକ୍ଷୋଭ

ଭୁବନେଶ୍ୱର, ୨୮।୯ (ମହାଭାରତ): ଓଡ଼ିଶା ପାଚକ ପାଚିକା ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ସଂଘର ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଗୋଟି ଜିଲ୍ଲାର ପାଚକ ପାଚିକାମାନେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ ୮ଦଫା ସମ୍ବଳିତ ଦାବି ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ମହାସଂଘ ଦାବି କରିଛି ଯେ ବେତନ ବୃଦ୍ଧି କରାଯାଉ, ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଲାଗୁ କରାଯାଉ। ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା ସହିତ ଡ୍ରେସ୍ କୋର୍ଡ ଲାଗୁ କରାଯାଉ, ଚିକିତ୍ସା ଭତା ସହିତ ଜୀବନ ବୀମାର ସୁବିଧା କରାଯାଉ, ୨୦୧୮ ମସିହା ଜାନୁଆରୀ ମାସଠାରୁ ବର୍ତମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ପାଉଣା ଦିଆଯିବା ସହିତ ମଇ, ଜୁନ୍ ଦୁଇମାସ ଛୁଟିର ଦରମା ପ୍ରଦାନ କରାଯାଉ, ଆମ୍ଭମାନଙ୍କୁ ବାହାର କରିବାର ଏବଂ ନିଯୁକ୍ତି କରିବା ବ୍ୟବସ୍ଥାକୁ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସିଧାସଳଖ ନିୟନ୍ତ୍ରଣରେ ରଖାଯାଉ, ଭବିଷ୍ୟନିଧି ଯୋଜନାରେ ସାମିଲ୍ କରାଯାଉ, ଅବସର ସୀମା ୬୦ ବର୍ଷରୁ ୬୨ ବର୍ଷ କରାଯାଉ ଏବଂ କାର୍ଯ୍ୟରତ ସମୟରେ ଆକସ୍ମିକ ବିୟୋଗରେ କ୍ଷତିପୂରଣ ରାଶି ବୃଦ୍ଧି କରାଯାଉ।




## ଇଣ୍ଡିଆ ମୋବାଇଲ କଂଗ୍ରେସ ପ୍ଲାଟଫର୍ମର ଶୁଭାରମ୍ଭ

ଭୁବନେଶ୍ୱର, ୨୮।୯ (ମହାଭାରତ): ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ଆଧାର କରି ଏସିଆର ସର୍ବବୃହତ ଡିଜିଟାଲ୍ ଟେକ୍ନୋଲୋଜି ଫୋରମ୍ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ୨୦୨୬ 'ବିକଶିତ ଟେକ୍ ୪୭'ର ପ୍ରଥମ ସଂସ୍କରଣ ଘୋଷଣା କରିଛି। ଯାହା ଭାରତର ସବୁଠାରୁ ପ୍ରତିଜ୍ଞାକାରୀ ଟେକ୍ନୋଲୋଜି ବ୍ରାଣ୍ଡ, ନେତା ଏବଂ ସେହି ଅଭିଳାଷକୁ ଆଗକୁ ନେଉଥିବା ସକ୍ଷମକାରୀଙ୍କୁ ଚିହ୍ନଟ, ସ୍ୱୀକୃତି ଏବଂ ନିର୍ମାଣ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ। ଏହି ପଦକ୍ଷେପ ଆଇଏମସିର ଦଶମ ସଂସ୍କରଣର ଏକ ଅଂଶ ହେବ, ଯାହା ୭-୧୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଯଶୋଭୂମି କନଭେନସନ୍ ସେଂଟରରେ ଅନୁଷ୍ଠିତ ହେବାକୁ ଯାଉଛି। ଟେକ୍ନୋଲୋଜି ଆନାଲିଟିକ୍ସ, ଅନୁସନ୍ଧାନ ଏବଂ ପରାମର୍ଶଦାତା ସଂସ୍ଥା ଟେକାର୍କ ଏହି ପଦକ୍ଷେପ ପାଇଁ ଗବେଷଣା ଅଂଶୀଦାର ଭାବରେ କାର୍ଯ୍ୟ କରିବ। ଇଣ୍ଡିଆ ମୋବାଇଲ୍ କଂଗ୍ରେସର ସିଇଓ ରାମକୃଷ୍ଣ ପି. କହିଛନ୍ତି, 'ଭାରତରେ ବୈଷୟିକ ପ୍ରତିଭା କିମ୍ବା ଅଭିଳାଷର ଅଭାବ ନାହିଁ, ଆମର ଯାହା ଅଭାବ ତାହା ହେଉଛି ଏକ ପ୍ଲାଟଫର୍ମ ଯାହା ଆମ କମ୍ପାନୀଗୁଡ଼ିକୁ କେବଳ ସ୍ଥାନୀୟ ନୁହେଁ, ବିଶ୍ୱସ୍ତରରେ ଚିନ୍ତା କରିବା ଏବଂ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସାହାଯ୍ୟ କରେ। ବିକଶିତ ଟେକ୍ ୪୭ ସହିତ, ଆମେ ଠିକ୍ ତାହା ନିର୍ମାଣ କରୁଛୁ, ଭାରତର ସବୁଠାରୁ ପ୍ରତିଜ୍ଞାକାରୀ ଟେକ୍ନୋଲୋଜି କମ୍ପାନୀଗୁଡ଼ିକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ପ୍ରକୃତ ବିଶ୍ୱସ୍ତରୀୟ ବ୍ରାଣ୍ଡରେ ପରିଣତ କରିବାରେ ସାହାଯ୍ୟ କରିବା ପାଇଁ ଏହା ଏକ ପ୍ଲାଟଫର୍ମ। ଏହା କେବଳ ପ୍ରଥମ ପଦକ୍ଷେପ। ଆଗାମୀ ବର୍ଷଗୁଡିକରେ, ଆମେ ଚାହୁଁ ଯେ ବିକଶିତ ଟେକ୍ ୪୭ ଲଂଚପ୍ୟାଡ୍ ହେଉ ଯାହା ଭାରତୀୟ ଜ୍ଞାନକୌଶଳକୁ ଘରୋଇ ସଫଳତାରୁ ବିଶ୍ୱସ୍ତରୀୟ ସ୍ୱୀକୃତି ପର୍ଯ୍ୟନ୍ତ ନେଇଯାଏ।'

ଏହି ପଦକ୍ଷେପ ମଧ୍ୟ ଏକ ଫ୍ଲାଗସିପ୍ ରିପୋର୍ଟରେ ଶେଷ ହେବ, ଯାହା ଆଇଏମସି ୨୦୨୬ ରେ ପ୍ରକାଶ ପାଇବ, ଯାହା ବିଶ୍ୱ ପ୍ରଯୁକ୍ତିବିଦ୍ୟା ମୂଲ୍ୟ ଶୃଙ୍ଖଳାରେ ଭାରତ କେଉଁଠାରେ ଛିଡା ହୋଇଛି ତାହା ଉପରେ ଏକ ନଜର ପ୍ରଦାନ କରିବ। ଏହି ରିପୋର୍ଟ ୨୦୦ ରୁ ଅଧିକ ଭାରତୀୟ ଟେକ୍ନୋଲୋଜି କମ୍ପାନୀ ଅଧ୍ୟୟନ ଏବଂ ପ୍ରତିଷ୍ଠାତା ଏବଂ ଶିଳ୍ପ ବିଶେଷଜ୍ଞଙ୍କ ସହ ଏହି କ୍ଷେତ୍ରର ଏକ ସ୍ପଷ୍ଟ ଚିତ୍ର ସୃଷ୍ଟି କରିବା ଉପରେ ଆଧାରିତ ହେବ।

## ଭାରତକୁ ସମୃଦ୍ଧ ରାଷ୍ଟ୍ର ଗଠନ କରିବା ମୋଦିଙ୍କ ମୂଳ ଲକ୍ଷ୍ୟ

ଭୁବନେଶ୍ୱର, ୨୮।୯ (ମହାଭାରତ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆଭିମୁଖ୍ୟ ହେଉଛି, ଭାରତକୁ ଅପପୁଷ୍ଟି ମୁକ୍ତ କରି ଏକ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନ କରିବା। ପୋଷଣ ଅଭିଯାନକୁ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନ ରଖି, ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ବାରମ୍ବାର ଆହ୍ୱାନ ଦେଉଛନ୍ତି। ସମାଜର ପ୍ରତ୍ୟେକ ବ୍ୟକ୍ତି ଏହି ଅଭିଯାନରେ ସାମିଲ ହେଲେ ହିଁ ଅପପୁଷ୍ଟି ସମସ୍ୟାର ସମାଧାନ ହୋଇପାରିବ। ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ମା' ଏବଂ କିଶୋରୀ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିହୀନତାକୁ ଦୂର କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରିବା ସହ 'ପୋଷଣ ଟ୍ରାକର' ଆପ୍ ଭଳି ଆଧୁନିକ ଟେକ୍ନୋଲୋଜି ମାଧ୍ୟମରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରିବା ଉପରେ ସେ ଜୋର ଦେଇଛନ୍ତି। ଏହାକୁ ଆହୁରି ବ୍ୟାପକ କରିବା ପାଇଁ ସରକାର ସକ୍ଷମ ଅଙ୍ଗନୱାଡି ୨.୦ ଆରମ୍ଭ କରିଛନ୍ତି, ଯାହା ମାଧ୍ୟମରେ ଦେଶର କୋଟି କୋଟି ଶିଶୁ ଓ ମାତୃଶକ୍ତିଙ୍କୁ ଗୁଣାତ୍ମକ ପୁଷ୍ଟିକର ଆହାର ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ନ୍ୟାସନାଲ ଫ୍ୟାମିଲି ହେଲେଥ୍ ସର୍ଭେ(ଏନ୍‌ଏଫ୍‌ଏଚ୍‌ଏସ୍)ର ରିପୋର୍ଟ ଅନୁସାରେ ଭାରତରେ ୪% ଷ୍ଟନିଂ କମିଛି। ପୁଷ୍ଟିହୀନ ଭାରତରୁ ପୁଷ୍ଟିକର ଆହାର ଆଡକୁ ଭାରତ ଏବେ ଗତି କରୁଛି ବୋଲି ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି। ମୋଦିଜୀଙ୍କ ଜନ୍ମଦିନ ଗତ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଆସନ୍ତା ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ମାସ ବ୍ୟାପୀ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତି ନେଇଛନ୍ତି। ତନ୍ମମଧ୍ୟରୁ ଆଙ୍ଗନ ମିଳନ ସେବା କାର୍ଯ୍ୟକ୍ରମ ହେଉଛି ଅନ୍ୟତମ। ଏନେଇ ୨୫ ସେପ୍ଟେମ୍ବରରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ଆଙ୍ଗନ ମିଳନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ମା' ଏବଂ କିଶୋରୀ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିହୀନତାକୁ ଦୂର କରିବା ଉଦ୍ଦେଶ୍ୟରେ କାର୍ଯ୍ୟରତ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଅଙ୍ଗନୱାଡି ଭଉଣୀମାନଙ୍କ ସହ ଆଲୋଚନା କରାଯିବ ଏବଂ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ପ୍ରୋତ୍ସାହିତ କରାଯିବ। ଏଥିସହ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଛୋଟ ଛୋଟ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଏବଂ ଫଳ ବଂଟନ କରାଯିବ। ଆମେ ସମସ୍ତେ ମିଳିମିଶି ଏକ ଜନ ଆନ୍ଦୋଳନର ରୂପ ଦେଇ ଭାରତକୁ କୁପୋଷଣରୁ ସୁପୋଷଣ ଆଡ଼କୁ ନେଇପାରିବା। ଏଥିରେ ସମସ୍ତଙ୍କ ଭାଗିଦାରୀ ରହିବା ଆବଶ୍ୟକ। ଏହି ଅଭିଯାନରେ ସାମିଲ ହୋଇ ଆମେ ସମସ୍ତେ ଆମ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଅଙ୍ଗନୱାଡି ଭଉଣୀମାନଙ୍କୁ ସମ୍ମାନିତ କରି ସେଠାରେ ଉପସ୍ଥିତ ଶିଶୁ ଓ ମା'ମାନଙ୍କୁ ଭେଟି ପୋଷଣ ଅଭିଯାନର ଗୁରୁତ୍ୱ ସଂପର୍କରେ ଆଲୋଚନା କରିବା ବୋଲି ଡା. ବିଶ୍ୱାଳ ଆହ୍ୱାନ ଦେଇଛନ୍ତି।



# ଓଡ଼ିଶାକୁ ପ୍ରତିଶ୍ରୁତି

ମୁଖ୍ୟମନ୍ତ୍ରୀଙ୍କ କଥା ସତ୍ୟ ହୁଏ ତେବେ ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। କିନ୍ତୁ ବାସ୍ତବରେ ଏହା କେତେଦୂର କାର୍ଯ୍ୟକାରୀ ହେବ ତାହା ବଡ଼ ପ୍ରଶ୍ନ। ଯଦି ଏହାର ଅଧା ବି ପୁଞ୍ଜି ଓଡ଼ିଶାକୁ ଆସେ ଏହା ବଡ଼ ସଫଳତା ହେବ। କିନ୍ତୁ ଅତୀତରେ ଅନେକ ଥର ଅନେକ ନିବେଶକାରୀ ଓଡ଼ିଶାକୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ତାହା ବାସ୍ତବତାରେ ରୂପାନ୍ତରିତ ହୋଇନାହିଁ। ସରକାର ଏଥିଲାଗି ଅନେକ ଉଦ୍ୟମ କରିଛନ୍ତି, ଏଥିରେ ସନ୍ଦେହ ନାହିଁ। କିନ୍ତୁ ଏଥିରେ ଅନେକ ପ୍ରକାର ପ୍ରତିବନ୍ଧକ ସୃଷ୍ଟି ହୋଇଛି ଯାହାର ସମାଧାନ କରିବାରେ ସରକାର ସଫଳ ହୋଇନାହାଁନ୍ତି। କେବଳ ବର୍ତ୍ତମାନର ସରକାର ନୁହେଁ, ଅତୀତରେ କଂଗ୍ରେସ ଓ ବିଜେଡି ସରକାର ମଧ୍ୟ ଏଭଳି ଉଦ୍ୟମ କରିଛନ୍ତି। କିନ୍ତୁ ଓଡ଼ିଶାରେ ଏହାର ବିଶେଷ ପ୍ରଭାବ ପଡ଼ି ନାହିଁ। ପୂର୍ବରୁ ମୁଖ୍ୟମନ୍ତ୍ରୀ କୋଲକାତା ଗସ୍ତରେ ଯାଇ ନିବେଶକ ସମ୍ମିଳନୀରେ ଯୋଗ ଦେଇଥିଲେ। ତାଙ୍କ ଉପସ୍ଥିତିରେ ଓଡ଼ିଶା ସରକାର ଏବଂ ଏକାଧିକ ରାଷ୍ଟ୍ରାୟତ ବା ଘରୋଇ ଶିଳ୍ପ ସଂସ୍ଥା ସହ ମୁଖାମଣାପତ୍ର ସ୍ୱାକ୍ଷରିତ ହୋଇତବଳା। ସେଠାରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଲକ୍ଷେ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା କହିଥିଲେ। ଏହା ପୂର୍ବରୁ ହାଇଦ୍ରାବାଦରେ ମଧ୍ୟ ଏଭଳି ସମ୍ମିଳନୀ ହୋଇଥିଲା। ଉଭୟ କୋଲକାତା ଏବଂ ହାଇଦ୍ରାବାଦର ନିବେଶକ ସମ୍ମିଳନୀ ସଫଳ ହୋଇଛି ବୋଲି ସେ କହିତବଳେ। ଏସବୁ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରାଜ୍ୟରେ ପ୍ରାୟ ଦେଢ଼ଲକ୍ଷ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। କୋଲକାତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅନେକ ଶିଳ୍ପ ସଂସ୍ଥା ତଥା ନିବେଶକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ଅନେକ ଓଡ଼ିଶାରେ ପୁଞ୍ଜିନିବେଶ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ପ ଏହା ସ୍ୱାଗତଯୋଗ୍ୟ। ଅବଶ୍ୟ ଏଥିରେ କିଛି ନୂତନ୍ତ୍ୱ ନାହିଁ। ଅତୀତରେ ମଧ୍ୟ ଏଭଳି ଅନେକ ଶିଳ୍ପ ସଂସ୍ଥା ଓଡ଼ିାରେ ପୁଞ୍ଜିନିବେଶ ଲାଗି ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ସେଥିରୁ ଅଧିକାଂଶ ପ୍ରତିଶ୍ରୁତି କେବଳ କାଗଜପତ୍ରରେ ସୀମିତ ରହିଛି। ବିଭିନ୍ନ କାରଣରୁ ଅନେକ ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିନାହିଁ। କିନ୍ତୁ ଏବେ ପରିସ୍ଥିତି ଭିନ୍ନ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି କ୍ଷମତାସୀନ ରହିଛି। କେନ୍ଦ୍ରରେ ଓଡ଼ିଶାର ତିନିଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଅଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶା ଦଖଲ କରିଥିବା ବିଜେପି ଓଡ଼ିଶାରେ କିଛି ନୂଆ କରି ଦେଖାଇବାର ପ୍ରୟାସ ଜାରି ରଖିଛି। ପୂର୍ବରୁ ଓଡ଼ିଶାରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କନକ୍ଲେଭରେ ଅନେକ ପ୍ରସ୍ତାବ ଆସିଥିଲା ଏବଂ ରାଜ୍ୟ ସରକାର ଅନେକ ଶିଳ୍ପ ସଂସ୍ଥା ସହ ଏମଓୟୁ ସ୍ୱାକ୍ଷର କରିଛନ୍ତି। ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିବେଶକମାନଙ୍କୁ ସହାୟତା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ସେ ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି ବୋଲି କହିଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ଦଳର ସରକାର ଚାଲିଛି। ତେଣୁ ଉଭୟ ସରକାର ସହଯୋଗର ହାତ ବଢ଼ାଇବେ। ଏହାର ପ୍ରଭାବ ନିଶ୍ଚତ ଭାବେ ପଡ଼ିବ ଏବଂ ଓଡ଼ିଶାକୁ ପୁଞ୍ଜିର ସୁଅ ଛୁଟିବ ବୋଲି ଆଶା କରାଯାଇପାରେ। ଏହା ଦ୍ୱାରା ଓଡ଼ିଶାରେ ଲକ୍ଷାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ସରକାରଙ୍କ ରାଜସ୍ୱ ଦ୍ୱିଗୁଣିତ ହେବ। ଯେଉଁସବୁ କମ୍ପାନୀ ଓଡ଼ିଶାରେ ନିବେଶ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ବେଦାନ୍ତ, ଜିନ୍ଦଲ , ଆଦାନୀ, ଆଇଓସିଏଲ ଇତ୍ୟାଦି। ବେଦାନ୍ତ କମ୍ପାନୀ ମ୍ଭ ଅନିଲ ଅଗ୍ରୱାଲ ରାୟଗଡ଼ାରେ ଏକ ଆଲୁମିନିୟମ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏ ବାବଦରେ ସେ ୨୦ ହଜାର କୋଟି ଟଙ୍କା ବିନିଯୋଗ କରିବେ ବୋଲି କହିଛନ୍ତି। ରାଷ୍ଟ୍ରାୟତ ଇଣ୍ଡିଆନ ଅଏଲ କର୍ପୋରେସନ ବା ଆଇଓସିଏଲ ଓଡ଼ିଶାରେ ୭୦ ହଜାର କୋଟି ଟଙ୍କା ନିବେଶ ଯୋଜନା କରିଛି। ପାରାଦୀପ ଏବଂ ଭଦ୍ରକରେ ଏହି ନିବେଶ ହେବ। ଜିନ୍ଦଲ ଷ୍ଟାଲ ଆଣ୍ଡ ପାୱାର ପାରାଦ୍ୱୀପରେ ମେଗା ଷ୍ଟିଲ ପ୍ଲାଣ୍ଟ ନିମାଣ କରୁଛି।

# ସଂକ୍ରାମକ ହେପାଟାଇଟିସ୍

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ଯେ ରାଜ୍ୟରେ ହେପାଟାଇଟିସ ବି ଓ ହେପାଟାଇଟିସ ସି ଏକ ବୃହତ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ଓ ଏହା ଏକ ରୋଗ ରକ୍ତବାହିତ ରୋଗ ହୋଇଥିବାରୁ ଏହାକୁ ଏକ ନୋଟିଫାୟବଲ (ବିଜ୍ଞାପିତ ରୋଗ) ଅଟେ। ତେଣୁ ସମସ୍ତ ସରକାରୀ, ଘରୋଇ, ଏଜିଓ କ୍ଷେତ୍ରରେ ରୋଗୀଙ୍କ ପରୀକ୍ଷା ଚିକିତ୍ସା ହେଉଥିଲେ ଏ ନେଇ ସମସ୍ତ ସମ୍ପର୍କିତ ତଥ୍ୟ ଜିଲ୍ଲା ତଥା ରାଜ୍ୟର ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଯିବ। ସୂଚନାଥାଉକି ହେପାଟାଇଟିସ ସିକୁ ସଠିକ ସମୟରେ ତନିମାସ ପାଇଁ ଚିକିତ୍ସା କରାଗଲେ ତାହା ଭଲ ହୋଇପାରିବ ମାତ୍ର ହେପାଟାଇଟିସ ବି ପାଇଁ ଜୀବନବ୍ୟାପୀ ଚିକିତ୍ସା ଦରକାର। ତେବେ ଡାଇଗ୍ନୋସିସର ଅଭାବ ପାଇଁ ଯକୃତ ନଷ୍ଟ ଓ ହେପାଟୋ ସେଲ୍ୟୁଲାର କାସିନୋମା ବା ଯକୃତ କର୍କଟ ଦେଖାଦେଉଛି। ରାଜ୍ୟରେ ଏହି ଦୁଇ ରୋଗକୁ ହ୍ରାସ କରିବାକୁ ହେଲେ ଧାର୍ଯ୍ୟ ସମୟରେ ଆବଶ୍ୟକ ତଥ୍ୟ ସହିତ ପ୍ଲାନିଂ ଓ ଇଣ୍ଟରଭେସନର ଆବଶ୍ୟକତା ରହିଛି। ସୂଚନା ଥାଉକି ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ କର୍କଟ ରୋଗକୁ ଏକ ନୋଟିଫାଏବୁଲ ରୋଗ ଭାବେ ଘୋଷଣା କରିଥିଲେ।

ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ ସଂକ୍ରମିତ ହୋଇଥାନ୍ତି। ବିଶୁଦ୍ଧ ହୋଇନଥିବା ଛୁଞ୍ଚ ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିଥାଏ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଇତ୍ୟାଦି ଦେଶରେ ହେପାଟାଇଟିସ୍ 'ବି'ର ବାହକ ସାଧାରଣତଃ କମ୍ (୦.୧-୨%)। ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ୍ୟ ସାଗରୀୟ ଅଞ୍ଚଳରେ ୩-୫% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ। ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ ଅଟନ୍ତି।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ। ହେପାଟାଇଟିସ୍ 'ବି' ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ ଯେଉଁ ପ୍ରକାରର ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇଅଛି ତାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିନ୍ନ କରିହେବନାହିଁ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

“ ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି।

# ବଢୁଛି ମଧୁମେହ ରୋଗୀଙ୍କ ସଂଖ୍ୟା

**॥ ଗୋପାଳ ମହାପାତ୍ର ॥**

ନିକଟରେ ଇଂଲଣ୍ଡରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବାରତରେ ମଧୁମେହ (ଡାଇବେଟିସ୍) ରୋଗିଙ୍କ ସଂଖ୍ୟା ୧୦କୋଟିରୁ ଅଧିକ ହୋଇଗଲାଣି । ୪ ବର୍ଷ ତଳେ ଏହିରୋଗୀଙ୍କ ସଂଖ୍ୟା ଯାହାଥିଲା ତାର ୪୪ ପ୍ରତିଶତ ଏଇ ୪ ବର୍ଷ ମ୍ଭରେ ବୃଦ୍ଧି ପାଇଛି । ଆଇ.ସି.ଏମ୍.ଆର୍ ପକ୍ଷରୁ ଏ ପ୍ରସଙ୍ଗରେ କରାଯାଇଥିବା ଅ୍ଧୟନରୁ ଜଣାପଡ଼ିଛି ଯେ ପ୍ରି ଡାଇବେଟିସ୍ ବା ଯେଉଁମାନେ ଏହି ରୋଗରେ ଆକ୍ରାନ୍ତ ହେବାକୁ ଯାଉଛନ୍ତି ଅନ୍ୟ ଅର୍ଥରେ ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଜଣାପଡୁଛି ସେମାନଙ୍କ ସଂଖ୍ୟା ସାଢ଼େ ତେର କୋଟିରୁ ଅଧିକ ଯାହା ଦେଶର ବର୍ତ୍ତମାନ ଜନସଂଖ୍ୟାର ୧୫ ପ୍ରତିଶତରୁ ଅଧିକ । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ ମଧୁମେହ ବା ଡାଇବେଟିସ ରୋଗରେ ପାଖାପାଖି ୪୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ଭାରତକୁ ଏକ ଯୁବା ଦେଶ ବୋଲି କୁହାଯାଉଛି କାରଣ ଦେଶରେ ଯୁବ ସଂଖ୍ୟା ଅଧିକ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯୁବପିଢ଼ୀ ଅଧିକ ଭାବରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ସ୍ୱର୍ଶକାତର କଥା ହେଉଛି ୨୦ରୁ ୩୫ ବର୍ଷର ଯୁବକମାନେ ଅଧିକ ଭାବେ ମଧୁମେହ ରୋଗରେ ପୀଡ଼ିତ ହେଉଛନ୍ତି । ଏଣୁ ମଧୁମେହ ବା ଡାଇବେଟିସ୍ ଏକ ସମସ୍ୟା ଭାବେ ଉଭାହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହୁଛି ଯେ ୧୮ବର୍ଷରୁ କମବୟସର ପିଲାଙ୍କ ମ୍ଭରୁ ୨୨ ପ୍ରତିଶତ ମେଦବହୁଳତାର ଶିକାର ହେଉଛନ୍ତି । ଏ ପ୍ରସଙ୍ଗରେ କୁହାଯାଇଛି ଯେ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ହିଁ ମଧୁମେହ ରୋଗର ପ୍ରମୁଖ କାରଣ । ବ୍ୟାୟାମ ନକରିବା ଏପରିକି ଶାରୀରିକ ପରିଶ୍ରମରୁ ଦୁରେଇ ରହିବା, ଉଚ୍ଚ କ୍ୟାଲୋରୀର ଖାଦ୍ୟ ଖାଇବା, ଅଧିକ ମିଠା ଖାଇବା ମ୍ଭ ଏହି ରୋଗର ଅନ୍ୟତମ କାରଣ । ତାହେଲେ ପାଶ୍ଚାତ୍ୟ ଶୈଳୀକୁ ଆପଣେଇ ଆମେ କ'ଣ ରୋଗକୁ ଆମନ୍ତ୍ରଣ କରୁଛେ ? ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ସ୍ୱାସ୍ଥ୍ୟପାଇଁ ସେ ସବୁ ଜିନିଷ ଠିକ୍ ଯାହା ଆମ ଆଖପାଖରେ ମିଳିଥାଏ । ଫଳ, ପନିପରିବା, ଖାଦ୍ୟଶସ୍ୟର ପ୍ରକୃତି ଯାହା ଆମ ଶରୀରର ପ୍ରକୃତି ମ୍ଭ ଠିକ୍ ସେୟା । ଶରୀର ପାଇଁ ଫାଷ୍ଟଫୁଡ୍ ଆଦୌ ଠିକ୍ ନୁହେଁ । ସେହିଭଳି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ବାହାରର ପ୍ରାକୃତିକ ବାୟୁ ପାଇବାରୁ ଆମେ ବଞ୍ଚିତ ହେଉଛେ । ନୂଆ ନୂଆ ପ୍ରକାରର ପାନୀୟ ଏବଂ ଆମ ପରିବେଷରେ ଉତ୍ପନ୍ନ ହେଉନଥିବା ଫଳ (ଖାଦ୍ୟପଦାର୍ଥ) ବାବଦରେ କୌଣସି ପରୀକ୍ଷା ନୀରିକ୍ଷା ନ କରି ଆମେ ତାକୁ ଗ୍ରହଣ କରିନେଉଛେ । ବଜାରରେ ଉପଲବ୍ଧ ଅନେକ ପ୍ରକାରର ପ୍ୟାକେଟ ଖାଦ୍ୟ ଏବଂ 'ଷ୍ଟ୍ରଁଡ୍ ମ୍ଭ ଆମେ ବ୍ୟବହାର କରୁଛେ ଯାହା ସ୍ୱାସ୍ଥ୍ୟ ଉପରେ ବିପରିତ ପ୍ରଭାବ ପକାଇ ଥାଏ ।

ଭାରତରେ ମଧୁମେହ, ଏଞ୍ଜାଇଟି ଡିଜ୍‌ଅର୍ଡ଼ର, ଅବସାଦ ଭଳି ଜୀବନଶୈଳୀ ସଂବନ୍ଧିତ ରୋଗ ବିଶେଷ ଭାବରେ ସହରାଞ୍ଚଳରେ ଅଧିକ ଦେଖାଯାଉଛି । ମଧୁମେହ ଭଳି ଅବସାଦ ଓ ମାନସିକ ଚାପ ମ୍ଭ ଯୁବକ ମାନଙ୍କଠାରେ ଅଧିକ ଭାବେ ଦେଖିବାକୁ ମିଳୁଛି। ଏବେ ଗ୍ରାମାଞ୍ଚଳରେ ମ୍ଭ ଏସବୁ ରୋଗ ବ୍ୟାପିଲାଣି ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି । ବିଶ୍ୱସ୍ତରୀୟ ରିପୋର୍ଟ ଅନୁସାରେ ବିଶ୍ୱର ଅନ୍ୟଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ମଧୁମେହ ରୋଗୀ ଅଛନ୍ତି । ଭାରତର ୩୧ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ବାବଦରେ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶ ପାଇଛି । ଗୋଆ, ପୁଡୁଚେରି, କେରଳ, ଚଣ୍ଡଗଡ଼, ଦିଲ୍ଲୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ, ସିକିମ୍, ପଞ୍ଜାବ ଏବଂ ହରିଆଣାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାରେ ମ୍ଭ ଏହି ରୋଗ ବ୍ୟାପିବାରେ ଲାଗିଛି । ୨୦୧୬ର ସରକାରୀ ତଥ୍ୟ ଅନୁସାରେ ଅଧିକ ମଧୁମେହ ରୋଗୀ ଥିବା ଦେଶର ୨୦ଟି ଜିଲ୍ଲା ମ୍ଭରେ ରହିଥିଲା ଖୋର୍ଦ୍ଧା ଜିଲ୍ଲା ଏବଂ କଟକ ଜିଲ୍ଲା । ୨୦୨୦ ଡିସେମ୍ବର ମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ୪.୨ନିୟୁତ ମଧୁମେହ ରୋଗୀ ଥିଲେ । ଏଣୁ ଏବେ ଏମାନଙ୍କ ସଂଖ୍ୟା ବଢ଼ିଯିବଣି ନିଶ୍ଚୟ । ୨୦୨୧ରେକେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏ' ଏଚ୍ ଏସ୍) ଯେଉଁ ରିପୋର୍ଟ ପ୍ରକାଶ କରିଥିଲେ ତାହା ଉଦ୍‌ବେଗ ଜନକ। ରିପୋର୍ଟ ଅନୁସାରେ ଓଡ଼ିଶାର ପ୍ରତି ୪ଜଣ ପୁରୁଷଙ୍କ ମ୍ଭରୁ ଜଣେ ମଧୁମେହ ଓ ଅବସାଦଗ୍ରସ୍ତ ରୋଗୀ ହୋଇଥିବା ବେଳେ ପ୍ରତି ୫ଜଣ ମହିଳାଙ୍କ ମ୍ଭରେ ଜଣେ ଏଭଳି ରୋଗୀ ଅଛନ୍ତି । ଏହି ରିପୋର୍ଟ ଅନୁସାରେ ରାଜ୍ୟର ୧୫ବର୍ଷର ୨୫.୫ ପ୍ରତିଶତ ପୁଅ ଏବଂ ୨୨.୪ ପ୍ରତିଶତ ପ୍ରତିଶତ ଝିଅ ଉଚ୍ଚରକ୍ତଚାପ ରୋଗର ଶୀକାର । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଅନୁସାରେ ମଧୁମେହ ଏକ ସାଇଲେଣ୍ଟ କିଲର ବା ଅନ୍ୟ ଅର୍ଥରେ ଧିରେ ଧିରେ ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଉଥିବା ରୋଗ।

ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି ଏହି ରୋଗ । ସୁସ୍ଥବ୍ୟକ୍ତିର ଖାଇବା ପୂର୍ବର ରକ୍ତରେ ଗ୍ଲୁକୋଜ ସ୍ତର ୭୦ରୁ ୧୦୦ ଏମ୍.ଜି.ଡିଏଲ୍ ରହିଥାଏ । ଖାଇବା ପରେ ଏହି ସ୍ତର ୧୨୦ରୁ ୧୪୦ଏମ୍.ଜି.ଡିଏଲ୍ ହୋଇଯାଇଥାଏ ଏବଂ ଏହା ଧିରେ ଧିରେ କମିଯାଇଥାଏ । କିନ୍ତୁ ମଧୁମେହ ରୋଗ ହେଲେ ଏହିସ୍ତର ବଢ଼ିଯାଇଥାଏ । ଏକ ଦଶନ୍ଧି ପୂର୍ବରୁ ଭାରତରେ ମଧୁମେହ ରୋଗ ୪୦ବର୍ଷ ବା ତା ଠାରୁ ଅଧିକ ବୟସର ଲୋକଙ୍କୁ ହେଉଥିଲା । କିନ୍ତୁ ଏବେ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି । ବିଶେଷଜ୍ଞ ମାନଙ୍କ ମତରେ ୨୦୩୦ ବେଳକୁ ଭାରତର ମଧୁମେହ ରୋଗୀଙ୍କ ସଂଖ୍ୟା ୫୫କୋଟିରୁ ଅଧିକ ହୋଇଥିବ । କେନ୍ଦ୍ର ସରକାର ଏକଥାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍ ନ ହେଲେ ଆଗାମୀ କିଛି ବର୍ଷ ପରେ ଭାରତ ଏକ ରୋଗୀଙ୍କ ଦେଶରେ ପରିଣତ ହୋଇଯିବ । ମଧୁମେହର ଚିକିତ୍ସା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଅନେକ ବିଶେଷଜ୍ଞଙ୍କ ମତରେ ଜୀବନଚର୍ଯ୍ୟା ଠିକ୍ ରହିଲେ ଏହି ରୋଗ ପାଖ ମାଡ଼ି ପାରିବ ନାହିଁ। ମଧୁମେହ ରୋଗକୁ ବିଲୋପ କରାଯାଇ ନ ପାରିଲେ ମ୍ଭ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଏହାର ନିୟନ୍ତ୍ରଣ ପାଇଁ ଅନେକ ଚିକିତ୍ସା ରହିଛି କିନ୍ତୁ ପ୍ରାକୃତିକ ଚିକିତ୍ସା ଏଥିପାଇଁ ଅଧିକ ଉପାଦେୟ । ଯୋଗ ମ୍ଭ ମଧୁମେହକୁ ନିୟନ୍ତ୍ରଣ କରିପାରେ । ପ୍ରାଣାୟାମ, ବ୍ୟାୟାମ ଓ ଆସନ ଦ୍ୱାରା ମ୍ଭ ମଧୁମେହକୁ ନିୟନ୍ତ୍ରଣ କରାଯାଇପାରିବ ।

ରାମଚନ୍ଦ୍ରପୁର, ରଣପୁର, ମୋ.- ୯୪୩୮୪୮୫୦୯୪

# ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ

**॥ ଡକ୍ଟର ରାଜକିଶୋର ମିଶ୍ର ॥**

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ୍ୟ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ 'ସରଘର' ରହିଛି । ଯେଉଁଠାରେ କି କୋଠଭୋଗ 'ଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ-୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି-୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ-୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଳିସରା - ୬୦ ଟି, ବଢ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।

ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

## ପାରାଦୀପ ବନ୍ଦରର ତ୍ୱରିତ ପଦକ୍ଷେପ ଯୋଗୁଁ ଏମଟି ସିଗୁଲ-୯ ଜାହାଜ ଉଦ୍ଧାର : ସମସ୍ତ କ୍ରୁ ପଣ୍ୟ ସୁରକ୍ଷିତ

ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ଦ୍ୱାରା ଏମଟିସିଗୁଲ-୯ ନାମକ ଏକ ପଣ୍ୟବାହୀ ଜାହାଜକୁ ଆଜି ଉଦ୍ଧାର କରାଯାଇଛି । ଏହି ଜାହାଜଟି ପ୍ରାୟ ୯,୦୦୦ ମେଟ୍ରିକ ଟନ କ୍ରୁଡ୍ ପାମ ଅଏଲ ନେଇ ପାରାଦୀପ ବନ୍ଦର ଅଭିମୁଖେ ଆସୁଥିଲା। ଏହି ପଣ୍ୟ ଆଦାନୀ ଉଇଲମାର ର ରହିଥିବା ବେଳେ ଏମଏସ ଆଣ୍ଟଲାଟିକ ସିପିଙ୍ଗ ଏହାର ଏଜେଣ୍ଟ ରହିଛି ଫ ପାରାଦୀପ ପାଇଲଟ୍ ଷ୍ଟେସନ୍ ଠାରୁ ପ୍ରାୟ ୩୫ ନଟିକାଲ୍ ମାଇଲ୍ ଦୂରରେ ଥିବା ଏହି ଜାହାଜର ମୁଖ୍ୟ ଇଞ୍ଜିନ୍ ଖରାପ ହୋଇଥିବା ଏବଂ ବାଲାଷ୍ଟ ଟ୍ୟାଙ୍କରେ ପାଣି ପ୍ରବେଶ କରିବା ଯୋଗୁଁ ଜାହାଜ ଟି ପ୍ରାୟ ୧୦ ଡିଗ୍ରୀ ଗୋଟିଏ ପାର୍ଶ୍ୱକୁ ଅଣେଇ ପଡ଼ିଥିଲା । ପାଣି ନିଷ୍କାସନର ହାର ପାଣି ପ୍ରବେଶର ହାର ସହ ସମନ୍ୱୟ ରଖିପାରୁନଥିବାରୁ ତୁରନ୍ତ ସହାୟତାର ଆବଶ୍ୟକତା ଦେଖାଦେଇଥିଲା। ଜାହାଜର ଏଜେଣ୍ଟ ପକ୍ଷରୁ ପ୍ରଥମ ଯୋଗାଯୋଗ ସେପ୍ଟେମ୍ବର ୨୭ ତାରିଖ ସକାଳ ୫:୦୧ରେ ମିଳିଥିଲା। ତେବେ ଏମଆରସିସି



ଆବଶ୍ୟକ ସହାୟତା ପାଇଁ ଭାରତୀୟ ତଟରକ୍ଷୀ ବାହିନୀ ମୁଖ୍ୟ କାର୍ଯ୍ୟାଳୟ ୭ କୁ ଅବଗତ କରାଯାଇଥିଲା । ଜରୁରୀ ସହାୟତା ପାଇଁ ପାରାଦୀପ ବନ୍ଦର ପ୍ରାଧିକରଣ ଏକ ହର୍ବର ଟଗ ପାଇଲଟ ଙ୍କ ସହିତ ନିୟୋଜିତ କରାଯାଇଥିଲା । ତେବେ ଆଜି ସନ୍ଧ୍ୟାରେ ଟଗ ଏବଂ ଉଧାରକାରୀ ଦଳ ଜାହାଜ ନିକଟରେ ପହଞ୍ଚି ପାରାଦୀପ ବନ୍ଦର ପୋତାଶ୍ରୟ ଅଭିମୁଖେ ଟାଣି କରି ଆଣିଥିଲେ । ଏହି ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟରେ ପାରାଦୀପ ବନ୍ଦର,ଜାହାଜ ନିର୍ଦ୍ଦେଶାଳୟ, ତଟ ରକ୍ଷୀ ବାହିନୀ, ଏମଆରସିସି ସମେତ ଅନ୍ୟାନ୍ୟ ସମ୍ପୃକ୍ତ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ରହିଥିଲା। ଏହି କାର୍ଯ୍ୟରେ ଭାରତୀୟ ନୌସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀ ଙ୍କ ସହଯୋଗ ଓ ସମନ୍ୱୟ ରହିଥିଲା। ଏହି ମିଳିତ ଜରୁରୀକାଳୀନ ପଦକ୍ଷେପ ଫଳରେ ଜାହାଜଟିକୁ ସୁରକ୍ଷିତ ଭାବେ ଟୋଇଂ କରାଯାଇ ପରବର୍ତ୍ତୀ ସମୟରେ ବର୍ଥିଂ କରାଯାଇଥିଲା। ଏହା ଦ୍ୱାରା ଜାହାଜ, କ୍ରୁ, ମାଲ ଓ ସାମୁଦ୍ରିକ ପରିବେଶର ସୁରକ୍ଷା ସୁନିଶ୍ଚିତ ହୋଇଥିଲା। ଏହି ଅପରେସନ କୁ ପାରାଦୀପ ବନ୍ଦର ଉପ-ସରଂକ୍ଷକ କ୍ୟାପେଟ୍ନ ଅଲେଖ ଚନ୍ଦ୍ର ସାହୁ ଙ୍କ ମାର୍ଗଦର୍ଶନରେ ସମନ୍ୱୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜାହାଜଟି ସୀମିତ ଇଞ୍ଜିନ୍ ସହାୟତାରେ ହାର୍ବର ମଧ୍ୟରେ ପ୍ରବେଶ କରି ଆଜି ଅପରାହ୍ଣ ୪ଟାରେ ଏନକ୍ୟୁ ୨ ବର୍ଥରେ ସୁରକ୍ଷିତ ଭାବେ ବର୍ଥାଙ୍ଗ କରାଯାଇଥିଲା। ସମନ୍ୱିତ ଜରୁରୀକାଳୀନ ପଦକ୍ଷେପ ଫଳରେ ଜାହାଜଟିକୁ ପାରାଦୀପ ବନ୍ଦର ସୀମା ମଧ୍ୟରେ ସୁରକ୍ଷିତ ଭାବେ ଆଣି କୌଣସି ଅତିରିକ୍ତ ଘଟଣା ବିନା ସୁରକ୍ଷିତ ଭାବେ ସ୍ଥାନିତ କରାଯାଇଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ସୁସନ୍ତ କୁମାର ପୁରୋହିତ ସମସ୍ତ ସାମୁଦ୍ରିକ ଅଧିକାରୀ, ପାଇଲଟ୍, ଟଗ୍ କ୍ରୁ ଏବଂ ସମ୍ପୃକ୍ତ ସମସ୍ତ ଅଂଶୀଦାରଙ୍କୁ ସମୟୋଚିତ ସମନ୍ୱୟ, ବୃତ୍ତିଗତ ଦକ୍ଷତା ଏବଂ ଜାହାଜର ସୁରକ୍ଷିତ ଆଗମନ ଓ ବର୍ଥିଂ ସୁନିଶ୍ଚିତ କରିବାରେ ସାମୂହିକ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ଜାହାଜ, କ୍ରୁ, ମାଲ ଓ ସାମୁଦ୍ରିକ ପରିବେଶର ସୁରକ୍ଷା ପାଇଁ ହୋଇଥିବା ସମନ୍ୱିତ ସାମୁଦ୍ରିକ ପଦକ୍ଷେପକୁ ପ୍ରଶଂସା କରିଥିଲେ।

## ବ୍ଲକ ସମ୍ମୁଖରେ ଧାରଣା ଦେଲେ ଗ୍ରାମସାଥି



ଏରସମା, (ମହାଭାରତ): ଆଜି ଏରସମା ବ୍ଲକ୍ ରେ ବିଭିନ୍ନ ୱାର୍ଡ ରୁ ଆସିଥିବା ଗ୍ରାମ ସାଥୀ ଙ୍କୁ ନେଇ ଏରସମା ବ୍ଲକ୍ କାର୍ଯ୍ୟାଳୟରେ ପରିସରରେ ଏକ ସୋତନ୍ତ ବୈଠକ କରିବାର ଥିଲା। ବୈଠକ ପୂର୍ବରୁ ସମସ୍ତ ମହିଳା ଓ ପୁରୁଷ ମାନେ ହଠାତ୍ ହୋ ହାଲ୍ଲା ହୋଇ ଏରସମା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଘଣ୍ଟା ଧରି ଧାରଣା ଦେଇଥିଲେ ଧାରଣା ସ୍ଥଳରୁ ଜଣା ପଡ଼ିଥିଲା ଯେ ବୈଠକ ଭିତରେ ସରକାରୀ କର୍ମଚାରୀଙ୍କ ପକ୍ଷରୁ କୌଣସି ସୁବିଧା ସୁଯୋଗ ଦିଆ ଯାଇନଥିଲା ।ଏମିତିକି ଜେନେରେଟର ଥିଲେ ମଧ୍ୟ ଲାଇଟ୍ ର ବ୍ୟବସ୍ଥା ଦିଆଯାଇନଥିଲା ।କର୍ମଚାରୀଙ୍କ ଦୁଃବ୍ୟବହାର ସୁଧ ପାନୀୟ ଜଳ ମଧ୍ୟ ମିଳିନଥିଲା। ଯାହାକୁ ନେଇ ଗ୍ରାମ ସାଥୀ ମାନେ ଏକତ୍ରିତ ହୋଇ ଆସୋନ୍ତୁଷ୍ଟ ପ୍ରକାଶ କରିଥିଲେ। ବିଡ଼ିଓ ଅନୁପସ୍ଥିତ ଥିବାରୁ ଘଟଣା ସ୍ଥଳକୁ ବ୍ଲକ୍ ର କିଛି ଉଚ୍ଚକର୍ମଚାରୀ ଆସି ନିଜ ଭୁଲ କୁ ସ୍ୱୀକାର କରି ସମସ୍ତ ଗ୍ରାମ ସାଥୀ ଙ୍କୁ ନେଇ ବ୍ଲକ୍ ମିଟିଂ ହଲ୍ ରେ ପୁନର୍ବାର ବୈଠକ କରିଥିଲେ।

## ସ୍ୱଚ୍ଛତା ହିଁ ସେବା ଅଭିଯାନ ଅବସରରେ ପାରାଦୀପ ବନ୍ଦର ପକ୍ଷରୁ ସ୍ୱଚ୍ଛତା ରଥ ର ଶୁଭାରମ୍ଭ

ପାରାଦୀପ, (ମହାଭାରତ): ଦେଶବ୍ୟାପୀ ଚାଲିଥିବା ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନର ଅଂଶ ସ୍ୱରୂପ, ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସାଧାରଣରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସୋମବାର ଦିନ ଏକ ସ୍ୱଚ୍ଛତା ରଥର ଉଦଘାଟନ ଏବଂ ଶୁଭାରମ୍ଭ ହୋଇଛି । ଏହି ମୋବାଇଲ ଯାନର ଲକ୍ଷ୍ୟ ସମଗ୍ର ଅଞ୍ଚଳରେ ସ୍ୱଚ୍ଛତା, ନାଗରିକ ଦାୟିତ୍ୱ ଏବଂ ସକ୍ରିୟ ସମ୍ପ୍ରଦାୟ ଅଂଶଗ୍ରହଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରସାର କରିବା। ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ ପତାକା ଦେଖାଇ ଏହି ରଥର



ଶୁଭ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଶ୍ରୀ ଟି.ଭେଣୁ ଗୋପାଳ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସ୍ୱଚ୍ଛତାରେ ଅଂଶଗ୍ରହଣ ର ମୂଳ ଦର୍ଶନକୁ ଗୁରୁତ୍ୱ ଦେଇ, ଏହି ପ୍ରୟାସ ନାଗରିକ, କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ସହଭାଗୀ ଦାୟିତ୍ୱର ପତାକା ତଳେ ଏକତ୍ରିତ ହେବାକୁ ଆହ୍ୱାନ ଦିଆଯାଇଛି । ?'ଗୋଟିଏ ଦିନ, ଗୋଟିଏ ଘଣ୍ଟା, ଏକାଠି' ଆହ୍ୱାନ ସହିତ ସମନ୍ୱୟ ରଖି, ପାରାଦୀପ ବନ୍ଦର ପ୍ରାଧିକରଣ ସ୍ୱଚ୍ଛ ଭାରତ ଦୃଷ୍ଟିକୋଣ ଅଧୀନରେ ଏକ ସ୍ୱଚ୍ଛ, ସବୁଜ ଦେଶ ଗଠନ କରିବା ପାଇଁ ବିଭିନ୍ନ ପରିମଳ ଏବଂ ସମ୍ପ୍ରଦାୟ ଯୋଗାଯୋଗ ଅଭିଯାନକୁ ସମର୍ଥନ କରିଆସୁଛନ୍ତି।

## ବଡ଼ ଧରଣର ଡକାୟତି ଯୋଜନା ପଣ୍ଡରାତ୍ରି ପାଟ୍ରୋଲିଂ ବେଳେ ୬ ହାର୍ଡକୋର ଅପରାଧୀ ଗିରଫ



ରାଜଗାଙ୍ଗପୁର: (ଅଟଳ ବିହାରି ପଣ୍ଡା): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ସହରରେ ଏକ ବଡ଼ ଧରଣର ଡକାୟତି ଯୋଜନା କୁ ପଣ୍ଡ କରିଛି ରାଜଗାଙ୍ଗପୁର ପୋଲିଶ ରାତି ପାଟ୍ରୋଲିଂ ସମୟରେ ଭଗତ ଟୋଲା ଅଞ୍ଚଳରୁ ୬ ଜଣ ଅଭିଯୁକ୍ତଙ୍କୁ ଧରିଛି ରାଜଗାଙ୍ଗପୁର ପୋଲିସ ।ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ରାଜଗାଙ୍ଗପୁର ସହରରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନା ପାଇଥିଲା ରାଜଗାଙ୍ଗପୁର ଆଇଆଇସି ବିଜୟ ଦାସ କୁ ସାଙ୍ଗେ ସାଙ୍ଗେ ଗୋଟେ ଟିମ୍ ଗଠନ କରାଯାଇଥିଲା ସେମାନଙ୍କୁ ଧରା ଯାଇଥିଲା ।ଗିରଫ କରାଯାଇ ଥିଲା। ଅଭିଯୁକ୍ତମାନେ ହେଲେ ଚିଣ୍ଟୁ ମାସାନ, ବଲଦେବ ନାଗ, ସୁଜିତ ଭେଙ୍ଗ । ଓରଫ ଖଇନି, ଆଜାଦ ନାଗ, ସିଣ୍ଟୁ ସାହୁ ଏବଂ ଭୁଜଙ୍ଗ କୁମାର ପାତ୍ର। ତେବେ ଘଟଣାସ୍ଥଳରୁ ଆଉ ଜଣେ ବ୍ୟକ୍ତି ଖସି ପଳାଇଥିବା ବେଳେ, ତାଙ୍କ ପରିଚୟ ଜାଣିବା ପାଇଁ ପୋଲିଶ ତଦନ୍ତ ଜାରି ରଖୁଛି ।ପୋଲିଶ ଚଢ଼ାଉ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ୪ଟି ଧାରୁଆ ଲୁହା ଛୁରୀ, ୫ଟି ଗାମୁଛା, ଗୋଟିଏ ନମ୍ବର ପ୍ଲେଟ୍ ନ ଥିବା ଝକ୍ତକ୍ଷରଭୟକ୍ଟକ୍ସ ଚକ୍ଷଙ୍କସ୍ମ ମୋଟରସାଇକେଲ ଏବଂ ୨ ପ୍ୟାକେଟ୍ ଲଙ୍କାଗୁଣ୍ଡ ଜବତ କରାଯାଇଛି। ପୋଲିଶର ସୂଚନା ଅନୁଯାୟୀ, ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କର ପୂର୍ବରୁ ମଧ୍ୟ ଅପରାଧିକ ମାମଲାରେ ସମ୍ପୃକ୍ତି ରହିଛି। ସେମାନଙ୍କ ବିରୋଧରେ ଡକାୟତି, ଲୁଟ୍, ଚୋରି, ଘରେ ପଶି ଚୋରି ଏବଂ ହତ୍ୟା ଉଦ୍ୟମ ଭଳି ମାମଲା ରହିଥ?ବା ପୋଲିଶ ପକ୍ଷରୁ କୁହାଯାଇଛି ।ଏହି ଘଟଣାକୁ ନେଇ ରାଜଗାଙ୍ଗପୁର ଥାନାରେ ଈଘଝ ଧାରା ୩୧୦(୪)/୩୧୦(୫) ଅନୁସାରେ ମାମଲା ରୁଜୁ ହୋଇଛି। ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଫେରାର ଅଭିଯୁକ୍ତଙ୍କ ପରିଚୟ ସମ୍ପର୍କରେ ପୋଲିଶ ତଦନ୍ତ ଜାରି ରଖୁଛି ।ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟରେ ହାଜର କରାଯାଇଛି।

## ବର୍ଷାରେ ଘର ଭାଙ୍ଗି ବେସାହାରା ଗରିବ ପରିବାର ସରକାରୀ ସହାୟତାକୁ ଅପେକ୍ଷା

ରାଇଘର, (ମହାଭାରତ) : ସାରା ରାଜ୍ୟରେ ବାତ୍ୟା ଓ ଲଗାଣ ବର୍ଷାର ପ୍ରଭାବ ଦେଖାଦେଇଥିବା ବେଳେ ଏହାର ସିଧାସଳଖ ପ୍ରଭାବ ପଡ଼ିଛି ଗରିବ ଓ ଅସହାୟ ପରିବାରମାନଙ୍କ ଉପରେ। ଲଗାତାର ବର୍ଷା ଯୋଗୁଁ କେଉଁଠି ଘର ଭାଙ୍ଗିଛି, ତ ଆଉ କେଉଁଠି ଘର ଭିତରକୁ ପାଣି ପଶି ଲୋକଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି ।ଏଭଳି ଏକ ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁରାବେଡ଼ା ଗ୍ରାମ ପଞ୍ଚାୟତର ସୋନପୁର ଗ୍ରାମରେ ।ଏଠାରେ ରହୁଥିବା ଲଳିତ ହରିଜନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ପରିବାରର ଭରଣପୋଷଣ ପାଇଁ ଲଳିତ ହରିଜନ ବାଧ୍ୟ ହୋଇ ନିଜ ସ୍ତ୍ରୀ ଓ ଛୋଟ ଛୋଟ ଦୁଇ ପୁଅଙ୍କୁ ଘରେ ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି ।କିନ୍ତୁ ଏପଟେ ଲଗାଣ ବର୍ଷା ତାଙ୍କ ପରିବାର ପାଇଁ ଆଣିଛି



ଆଉ ଏକ ବଡ଼ ବିପଦ। ବର୍ଷାର ପ୍ରକୋପରେ ଘର ଭାଙ୍ଗିଯିବାରୁ ପରିବାରଟି ଏବେ ବେସାହାରା ହୋଇପଡ଼ିଛି। ମୁଣ୍ଡ ଗୁଞ୍ଜିବାକୁ ସୁରକ୍ଷିତ ଘର ନଥିବାରୁ ଛୋଟ ଛୋଟ ପିଲାଙ୍କୁ ନେଇ ପରିବାର ଚିନ୍ତାରେ ପଡ଼ିଛି ।ଦିନମଜୁରି କରି ପରିବାର ଚଳାଉଥିବା ଲଳିତଙ୍କ ପାଇଁ ନିଜ ଖର୍ଚ୍ଚରେ ଘର ମରାମତି କିମ୍ବା ପୁନଃନିର୍ମାଣ କରିବା ସହଜ ନୁହେଁ। ଏଭଳି ପରିସ୍ଥିତିରେ ପ୍ରଶାସନର ସହାୟତା ହିଁ ଏହି ପରିବାର ପାଇଁ ଏକମାତ୍ର ଭରସା ବୋଲି ପରିବାର ଓ ଗ୍ରାମବାସୀ କହିଛନ୍ତି ।ଘର ଭାଙ୍ଗିଯିବା ପରେ ପରିବାରର ଅବସ୍ଥା କଣ ରହିଛି, ଛୋଟ ପିଲାମାନେ କିଭଳି ଅସୁବିଧାରେ ରହୁଛନ୍ତି ଏବଂ ବର୍ଷା ଦିନରେ ଏହି ପରିବାର କେଉଁଭଳି ଦୁର୍ଦ୍ଦଶା ଭୋଗୁଛି ତାହା ସ୍ଥାନୀୟ ଅଞ୍ଚଳରେ ଏବେ ଚିନ୍ତାର ବିଷୟ ପାଲଟିଛି ।ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ପରିବାରର ଅବସ୍ଥାକୁ ପ୍ରଶାସନ ଗୁରୁତ୍ୱର ସହ ନେଇ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରିବା ଆବଶ୍ୟକ। ଘର ଭାଙ୍ଗିବାର ଆକଳନ କରିବା ସହିତ ନିୟମ ଅନୁଯାୟୀ ଆବଶ୍ୟକ ସରକାରୀ ସହାୟତା,ଅସ୍ଥାୟୀ ଆଶ୍ରୟ ଓ ଆବଶ୍ୟକ ରିଲିଫ୍ ବ୍ୟବସ୍ଥା କରାଯାଉ ବୋଲି ଦାବି ହୋଇଛି ।ଗ୍ରାମବାସୀଙ୍କ ଦାବି କେବଳ ତତ୍କାଳୀନ ସହାୟତାରେ ସୀମିତ ନୁହେଁ। ଏହି ଗରିବ ପରିବାର ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ବାସସ୍ଥାନର ବ୍ୟବସ୍ଥା କରାଯାଉ ବୋଲି ସେମାନେ ଦାବି କରିଛନ୍ତି ।ବର୍ଷା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁଠାରୁ ଅଧିକ ଅସୁବିଧାରେ ପଡ଼ନ୍ତି ଗରିବ ଓ ଅସହାୟ ପରିବାର। ତେଣୁ ଲଳିତ ହରିଜନଙ୍କ ପରିବାରର ଦୁର୍ଦ୍ଦଶା ପ୍ରତି ପ୍ରଶାସନ କେବେ ଦୃଷ୍ଟି ଦେଉଛି ଏବଂ କେବେ ସହାୟତାର ହାତ ବଢ଼ାଉଛି, ତାହାକୁ ନେଇ ଏବେ ଅପେକ୍ଷାରେ ରହିଛନ୍ତି ପରିବାର ଓ ଗ୍ରାମବାସୀ।

## ଦୋକାନ ଘରେ ଶିଶୁଙ୍କ ଭବିଷ୍ୟତ ! ନିଜସ୍ୱ ଅଙ୍ଗନୱାଡି କେନ୍ଦ୍ର ନାହିଁ

ଗୋଲାମୁଣ୍ଡା (ମହାଭାରତ) : ଶିଶୁ ଜନ୍ମ ନେବା ପରେ ପ୍ରଥମେ ମା' ଓ ବାପାଙ୍କୁ ଚିହ୍ନେ। ପରିବାରର ସ୍ନେହ ଓ ସଂସ୍କାର ଭିତରେ ବଢ଼ିବା ପରେ ପ୍ରାୟ ୩ ବର୍ଷ ବୟସରେ ଅଙ୍ଗନୱାଡି କେନ୍ଦ୍ରରେ ପାଦ ଥାପେ ଶିଶୁ। ଏଠାରୁ ଆରମ୍ଭ ହୁଏ ତା'ର ପ୍ରାଥମିକ ଶିକ୍ଷା, ସାମାଜିକ ଜ୍ଞାନ ଓ ବୌଦ୍ଧିକ ବିକାଶର ପ୍ରଥମ ପାହାଚ। ହେଲେ ଯେଉଁ ବୟସରେ କୋମଳମତି ଶିଶୁଙ୍କ ଭବିଷ୍ୟତର ମୂଳଦୁଆ ପଡ଼ିବା କଥା, ସେହି ସମୟରେ ଅଙ୍ଗନୱାଡି କେନ୍ଦ୍ରର ଦୁର୍ଦ୍ଦଶା ଶିଶୁଙ୍କ ଭବିଷ୍ୟତ ନେଇ ବଡ଼ ପ୍ରଶ୍ନ ଠିଆ କରିଛି। ଗୋଲାମୁଣ୍ଡା ବ୍ଲକ ରୁ ଦେଖିବା ଏହି ରିପୋର୍ଟ ।

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଖଲିଆପାଲି-୧ ର ନିଜସ୍ୱ ଅଙ୍ଗନୱାଡି କେନ୍ଦ୍ର ନଥିବାରୁ ଗତ ୫ ବର୍ଷ ହେଲା କମ୍ୟୁନିଟି ହଲ ଓ ଏକ ଦୋକାନ ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର। ପୂର୍ବ ରୁ ଏକ ଅଙ୍ଗନୱାଡି ଦିର୍ଘ ତିନିବର୍ଷ ଧରି କମ୍ୟୁନିଟି ହଲ ରେ ଶିଶୁଙ୍କୁ ପଢ଼ାଉଥିଲେ । ତାଙ୍କ ଅବସର ପରେ ବର୍ତ୍ତମାନ ୨ ବର୍ଷ ହେଲା ଦୋକାନ ଗୃହ ରେ ଚାଲିଛି । ଯେଉଁଠି ଶିଶୁମାନେ ଖେଳିବେ, ଶିଖିବେ ଓ ନିଜ ଭବିଷ୍ୟତର ସ୍ୱପ୍ନ ଦେଖିବେ, ସେହି ସ୍ଥାନ ଆଜି ନିଜସ୍ୱ ଘରଟିଏ ପାଇଁ ଅପେକ୍ଷା କରିଛି। ଏହି କେନ୍ଦ୍ର ରେ ୨୮ ଜଣ ଶିଶୁ ଥିବା ବେଳେ ଛୋଟ ଦୋକାନ ଗୃହ ରେ ଅଙ୍ଗନୱାଡି ପାଠ ପଢାନ୍ତି । ସେହିଭଳି ସେହି କୋଠରି ରେ ଶିଶୁଙ୍କ ଙ୍କ ଖାଦ୍ୟରୋଷେଇ କରାଯାଇଥାଏ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ୨୪ ଲିଟର ମହୁଲି ମଦ ଜବତ, ଜଣେ ଗିରଫ



କରଞ୍ଜିଆ,(ମହାଭାରତ) କେନ୍ଦୁଜିଆଣି ସାପ୍ତାହିକ ହାଟକୁ ବେଆଇନ ଭାବେ ଦେଶୀ ମହୁଲି ମଦ ବିକ୍ରି କରିବା ପାଇଁ ନେଉଥିବା ବେଳେ ଠାକୁରମୁଣ୍ଡା ଅବକାରୀ ବିଭାଗ ଚଢ଼ାଉ କରି ୨୪ ଲିଟର ମହୁଲି ମଦ ଓ ଗୋଟିଏ ସାଇକେଲ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ।ବିଭାଗୀୟ ସୂଚନା ଅନୁଯାୟୀ, କେନ୍ଦୁଜିଆଣିରେ ସାପ୍ତାହିକ ହାଟ ହେଉଥିବାରୁ ହାଟକୁ ମହୁଲି ମଦ ନେଇ ବିକ୍ରି କରିବା ପାଇଁ ଜଣେ ବ୍ୟକ୍ତି ସାଇକେଲ ଯୋଗେ ଯାଉଥିବା ଖବର ଅବକାରୀ ବିଭାଗକୁ ମିଳିଥିଲା। ଏହାକୁ ଆଧାର କରି ଅବକାରୀ ବିଭାଗର କର୍ମଚାରୀମାନେ କେନ୍ଦୁଜିଆଣି ଛକ ନିକଟରେ ନଜର ରଖିଥିଲେ ।ସକାଳ ପ୍ରାୟ ୧୦ଟା ୩୦ ମିନିଟ ସମୟରେ ସନ୍ଦେହଜନକ ଭାବେ ସାଇକେଲ ଯୋଗେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଅବକାରୀ କର୍ମଚାରୀମାନେ ଅଟକାଇ ତଲାସୀ କରିଥିଲେ। ତଲାସୀ ସମୟରେ ତାଙ୍କ ପାଖରେ ଥିବା ଦୁଇଟି ବ୍ୟାଗରୁ ଦୁଇଟି ଜାରକିନରେ ମୋଟ ୨୪ ଲିଟର ଦେଶୀ ମହୁଲି ମଦ ମିଳିଥିଲା। ଏହାପରେ ଅବକାରୀ ବିଭାଗ ମହୁଲି ମଦକୁ ଜବତ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ କରି ଅବକାରୀ ଥାନାକୁ ନେଇଥିଲା ।ଏହି ଘଟଣାରେ କେନ୍ଦୁଜିଆଣି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସୁନାରୀପୋଷି ଗ୍ରାମର ସୁନୀଲ ମୁର୍ମୁ (୩୫)ଙ୍କ ବିରୋଧରେ ଅବକାରୀ ଥାନାରେ ୧୧୮/୨୦୨୬ ନମ୍ବରରେ ମାମଲା ରୁଜୁ କରାଯାଇଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି ।ଏହି ଚଢ଼ାଉରେ ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀ, ଏଏସ୍‌ଆଇ ଲକ୍ଷ୍ମଣ ନାୟକ, ଚନ୍ଦ୍ରକାନ୍ତ ମୁଦୁଲି ଓ ସସ୍ମିତା ବେହେରାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଅବୈଧ ମଦ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଦଶପଲ୍ଲାରେ ବିଭିନ୍ନ ଜନସମସ୍ୟା ନେଇ ଅଭିନବ ପ୍ରତିବାଦ

# ହାତରେ ନଳକୂପ ପାଣି ଧରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ କଂଗ୍ରେସ ନେତା



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଅଞ୍ଚଳରେ ଦୀର୍ଘ ଦିନ ଧରି ଲାଗିରହିଥିବା ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଏବଂ ବିଦ୍ୟୁତ ସମସ୍ୟାର ସମାଧାନ ଦାବି କରି ଏକ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଛି। ଯୁବ ସାମ୍ବାଦିକ ତଥା କଂଗ୍ରେସ ନେତା କାହ୍ନା ନାୟକ ନଳକୂଅର ପାଣି ହାତରେ ଧରି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦଶପଲ୍ଲା ବ୍ଲକ୍ କୁଲୁରୁକୁମ୍ପା ପଞ୍ଚାୟତ ଅନ୍ତର୍ଗତ ଜାମୁସାହି ଗ୍ରାମରେ ପାନୀୟ ଜଳ ସମସ୍ୟା ଅତ୍ୟନ୍ତ ଉତ୍କଟ ରୂପ ଧାରଣ କରିଛି। ଗ୍ରାମବାସୀମାନେ ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଗ୍ରାମବାସୀଙ୍କ ତରଫରୁ ଏହି ପ୍ରତିବାଦ ଜଣାଯାଇଥିଲା। ଏହା ସହିତ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ଚିକିତ୍ସା ସେବାର ଅଭାବ, ବାରମ୍ବାର ବିଦ୍ୟୁତ କାଟ ତଥା ଅଞ୍ଚଳର ଅନ୍ୟାନ୍ୟ ମୌଳିକ ସମସ୍ୟା ସମ୍ପର୍କରେ ମଧ୍ୟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ରଞ୍ଜିତ କୁମାର ଦାସଙ୍କ ଉପସ୍ଥିତିରେ ଯୁବନେତା କାହ୍ନା ନାୟକ, ଦଶପଲ୍ଲା ବ୍ଲକ କଂଗ୍ରେସ ସଭାପତି ବୁଲୁ ପରିଡ଼ା ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଅଭିଯୋଗପତ୍ର ଗ୍ରହଣ କରିବା ସହ ଘଟଣାର ତୁରନ୍ତ ତଦନ୍ତ କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଶୀଘ୍ର ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଛାତ୍ରଛାତ୍ରୀଙ୍କ ନେଇ ପ୍ରତିଯୋଗିତା



ଗଜପତି(ମହାଭାରତ):ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ-୨୦୨୬ ପାଳନ ଅବସରରେ ଆଜି ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ପୌରପରିଷଦ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ 'ସ୍ୱପ୍ନର ଭାରତ' ଶୀର୍ଷକ ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଉତ୍ସର୍ଗୀତା ବଡ଼ରଇତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଏସ୍. ଗିରିଧର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଓ୍ୱାଇ. କ୍ରିଷ୍ଣାରାଓ, ସିଆରସିସି ଶ୍ରୀମତୀ ସଙ୍ଗୀତା କୁମାରୀ ପାତ୍ର, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀ ଭାଗବତ ପାଢ଼ୀ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ 'ସ୍ୱପ୍ନର ଭାରତ' ଶୀର୍ଷକ ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ନିଜର ସୃଜନଶୀଳତା ଓ ଚିନ୍ତାଧାରା ମାଧ୍ୟମରେ ଭବିଷ୍ୟତର ଭାରତ ସମ୍ପର୍କରେ ନିଜର ସ୍ୱପ୍ନ, ଆଶା ଓ ଚିନ୍ତାକୁ ଚିତ୍ର ଏବଂ ଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ।

## ରାଇଘର ପ୍ରାଣୀ ଚିକିତ୍ସାଳୟରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ

ରାଇଘର: (ମହାଭାରତ)ମଣିଷ ଓ ପଶୁଙ୍କ ଜୀବନ ସୁରକ୍ଷା ସହ ଜଡ଼ିତ ମାରାତ୍ମକ ଜଳାତଙ୍କ ରୋଗ ପ୍ରତି ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଇଘର ପ୍ରାଣୀ ଚିକିତ୍ସାଳୟ ପରିସରରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଶୁମାନଙ୍କ ଟିକାକରଣ ଓ ଜଳାତଙ୍କ ରୋଗର ପ୍ରତିରୋଧ ନେଇ ବ୍ୟାପକ ସଚେତନତା କରାଯାଇଥିଲା। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ସୌଭାଗ୍ୟ ରଞ୍ଜନ ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳାତଙ୍କ ରୋଗର କାରଣ,ଏହାର ପ୍ରତିରୋଧ ଏବଂ ପଶୁମାନଙ୍କୁ ସମୟୋଚିତ ଟିକା ଦେବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି କୁକୁର ଓ ଅନ୍ୟ ପୋଷା ପଶୁଙ୍କୁ ନିୟମିତ ଟିକାକରଣ କରିବା ସହ କୌଣସି ପଶୁ କାମୁଡ଼ିଲେ ବିଳମ୍ବ ନକରି ଚିକିତ୍ସା ନେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା ।ଏହି ଅବସରରେ ୩୦ଟି କୁକୁରଙ୍କୁ ଜଳାତଙ୍କ ପ୍ରତିଷେଧକ ଟିକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସବ୍ୟସାଚୀ ଚୌଧୁରୀ, ମୁନା ଦୋରାଙ୍କ ସମେତ ପ୍ରାଣୀ ଚିକିତ୍ସାଳୟର ଅନେକ କର୍ମଚାରୀ ସହଯୋଗ କରିଥିଲେ ।ଜଳାତଙ୍କ ଏକ ମାରାତ୍ମକ ରୋଗ ହୋଇଥିଲେ ମଧ୍ୟ ସଚେତନତା, ପଶୁମାନଙ୍କ ନିୟମିତ ଟିକାକରଣ ଏବଂ ସମୟୋଚିତ ଚିକିତ୍ସା ଦ୍ୱାରା ଏହାର ପ୍ରତିରୋଧ ସମ୍ଭବ। ତେଣୁ ଗୋଟିଏ ଦିନର ସଚେତନତାରେ ସୀମିତ ନରହି ପ୍ରତ୍ୟେକ ପରିବାର ଓ ପ୍ରତ୍ୟେକ ପୋଷା ପଶୁଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ବାର୍ତ୍ତା ଦିଆଯାଇଥିଲା

## କୀର୍ତ୍ତନ ଗାୟିକା ଜସ୍ମିନ ମାଝୀଙ୍କ ମୃତ୍ୟୁ



ପାଟଣାଗଡ଼ (ମହାଭାରତ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଘୁଚାପାଲି ଗ୍ରାମର କୀର୍ତ୍ତନ ଗାୟିକା ତଥା ଆଲବମ ଅଭିନେତ୍ରୀ ଜସ୍ମିନ ମାଝୀଙ୍କ ବୁର୍ଲା ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି ।ସୂଚନା ଅନୁସାରେ, ଜସ୍ମିନ ଏସିଟ ପାନ କରିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ନିଆ ଯାଇଥିଲା । ତେବେ ଚିକିତ୍ସା ସତ୍ତ୍ୱେ ତାଙ୍କୁ ବଞ୍ଚାଇ ହୋଇ ନ ଥିଲା ।ଦୁଇ ଦିନ ତଳେ ଜସ୍ମିନଙ୍କ ସହ କାମ କରୁଥିବା କୋ-ଆର୍ଟିଷ୍ଟ ପ୍ରେମ ମେହେରଙ୍କ ମୃତ୍ୟୁ ଘଟିଥିଲା। ପ୍ରେମଙ୍କ ମୃତ୍ୟୁ ପରେ ଜସ୍ମିନ ମାନସିକ ଭାବରେ ଭାଙ୍ଗି ପଡ଼ିଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଥିଲେ ମଧ୍ୟ, ଏହା ତାଙ୍କ ମୃତ୍ୟୁର କାରଣ କି ନୁହେଁ, ତାହା ଏ ଯାଏଁ ସ୍ପଷ୍ଟ ହୋଇ ନାହିଁ। ଘଟଣାର ସମସ୍ତ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରହିଛି । ତଦନ୍ତ ପରେ ହିଁ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ।

## କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣୀ

# ୨୧୮ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ



ଉଦଳା (ମହାଭାରତ ):ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ୨୧୮ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ପ୍ରଣୟ ରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୋକୁଳାନନ୍ଦ ସାହୁ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମିନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୧୭୦ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୪୮ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୨୯ ଗୋଟି ସମସ୍ୟାର ତତ୍ ?କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୯ ଜଣଙ୍କୁ ଏକ ଲକ୍ଷ ସତସ୍ତରୀ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ସତ୍ୟ ପ୍ରକାଶ ପାତ୍ର, ସାଇସ୍ୱରୂପ କର, ରେଣ୍ଟା ମୁର୍ମୁ, ଶ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## କେ.ସିତପୁରରେ ମାଇ ଭାରତ ଗଜପତି ପକ୍ଷରୁ ଚିକିତ୍ସା ଶିବିର

ଗଜପତି(ମହାଭାରତ): ସେବା ପକ୍ଷବାଡ଼ା କାର୍ଯ୍ୟକ୍ରମ ଅବସରରେ ମାଇ ଭାରତ ଗଜପତି ପକ୍ଷରୁ କେ.ସିତପୁର ଗ୍ରାମରେ ଏକ ଗ୍ରାମୀଣ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ଗ୍ରାମାଞ୍ଚଳର ଲୋକଙ୍କୁ ସହଜରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା ଓ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶିବିରରେ ଗ୍ରାମବାସୀଙ୍କ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ହିମୋଗ୍ଲୋବିନ୍ ପରୀକ୍ଷା କରାଯାଇଥିଲା। ଗଣ୍ଠି ଯନ୍ତ୍ରଣା, ଜ୍ୱର ଓ ଅନ୍ୟାନ୍ୟ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସିଥିବା ଲୋକଙ୍କୁ ଆବଶ୍ୟକ ଚିକିତ୍ସା ପରାମର୍ଶ ଓ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟର ଯତ୍ନ, ପ୍ରତିଷେଧକ ସ୍ୱାସ୍ଥ୍ୟସେବା, ପୋଷଣ ଏବଂ ସମୟୋଚିତ ଚିକିତ୍ସାର ଗୁରୁତ୍ୱ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ମାଇ ଭାରତର ସ୍ୱେଚ୍ଛାସେବୀମାନେ ଶିବିରର ଆୟୋଜନ, ପରିଚାଳନା କରିବା ସହ ଲୋକଙ୍କୁ ସହଯୋଗ କରିବାରେ ସକ୍ରିୟ ଭୂମିକା ନେଇଥିଲେ। ଏହି ପଦକ୍ଷେପ ମାଧ୍ୟମରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପ୍ରତି ଲୋକଙ୍କ ସଚେତନତା ବୃଦ୍ଧି ସହ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ସମାଜସେବାରେ ଅଧିକ ସକ୍ରିୟ ହେବା ପାଇଁ ପ୍ରେରଣା ମିଳିଛି।

## ଖରିଡା ଗ୍ରାମ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି

ହିଞ୍ଜିଳିକାଟୁ:(ମହାଭରାତ ): ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ଖରିଡା ଗ୍ରାମ ପଞ୍ଚାୟତ ପରିସରରେ ଆଜି ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗକୁ ସରକାରୀ ସ୍ତରରେ ଶୁଣିବା ସହ ଏହାର ସମାଧାନ ପାଇଁ ଏହି ଜନଶୁଣାଣି ଆୟୋଜନ କରାଯାଇଥିଲା। ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପଞ୍ଚାୟତ ଅଞ୍ଚଳର ବହୁ ସଂଖ୍ୟକ ଲୋକ ଯୋଗଦେଇ ନିଜ ନିଜ ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିଥିଲେ। ଲୋକମାନେ ବିଭିନ୍ନ ସରକାରୀ ଯୋଜନା, ଭତ୍ତା, ଆବାସ, ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ, ଡ୍ରେନେଜ୍, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ସମ୍ପର୍କରେ ନିଜର ଅଭିଯୋଗ ଜଣାଇଥିଲେ। ଜନସାଧାରଣଙ୍କ ଅଭିଯୋଗ ଯେପରି ସଠିକ୍ ଭାବେ ଶୁଣାଯାଇ ସମ୍ପୃକ୍ତ ବିଭାଗ ମାଧ୍ୟମରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଇପାରିବ, ସେଥିପାଇଁ ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହିଥିଲେ। ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ସହ ସମସ୍ୟାର ପ୍ରକୃତ ସ୍ଥିତି ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଲୋକଙ୍କ ପାଖକୁ ପ୍ରଶାସନକୁ ନେଇଯିବା ଏବଂ ସାଧାରଣ ଲୋକଙ୍କ ସମସ୍ୟାକୁ ଶୁଣି ତାହାର ସମାଧାନ ପାଇଁ ଉଚିତ ପଦକ୍ଷେପ ନେବା। ପଞ୍ଚାୟତ ସ୍ତରରେ ଏଭଳି ଜନଶୁଣାଣି ଆୟୋଜନ ହେବା ଫଳରେ ଦୂରଦୂରାନ୍ତର ଲୋକମାନେ ନିଜ ସମସ୍ୟା ନେଇ ସିଧାସଳଖ ଅଧିକାରୀଙ୍କ ନିକଟରେ ପହଞ୍ଚି ଅଭିଯୋଗ ଜଣାଇବାର ସୁଯୋଗ ପାଇଛନ୍ତି। କାର୍ଯ୍ୟକ୍ରମ ସମୟରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ସହ ଯେଉଁ ସମସ୍ୟାଗୁଡ଼ିକ ସମ୍ପୃକ୍ତ ବିଭାଗର ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ କରୁଛି, ସେଗୁଡ଼ିକ ଉପରେ ଆବଶ୍ୟକ ପଦକ୍ଷେପ ନେବା ନେଇ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ବିକାଶ ସହ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଏବଂ ସରକାରୀ ଯୋଜନାର ସୁଫଳ ଯେପରି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ସେନେଇ ମଧ୍ୟ ଆଲୋଚନା ହୋଇଥିଲା।

## ଭାରୀ ବର୍ଷାରେ ଭୁଶୁଡ଼ିଲା ମାଟି ଘର; ଭୂମିହୀନ ପରିବାରର ଦୁର୍ଦ୍ଦଶା

# ମିଚାଗାଁରେ ଘର ଭାଙ୍ଗିବା ପରେ ବି ସହାୟତା ଅପେକ୍ଷାରେ ମହେନ୍ଦ୍ରଙ୍କ ପରିବାର




ଜୁନାଗଡ଼: (ମହାଭାରତ) ଭାରୀ ବର୍ଷାରେ ମାଟି ଘରର କାନ୍ଥ ଭୁଶୁଡ଼ି ପଡ଼ିବା ପରେ ଏବେ ଅସୁରକ୍ଷିତ ପରିସ୍ଥିତିରେ ଦିନ କାଟୁଛନ୍ତି ଏକ ଭୂମିହୀନ ଓ ଆର୍ଥିକ ଭାବେ ଅସହାୟ ପରିବାର। ଘର ଭାଙ୍ଗିଯିବା ପରେ ମଧ୍ୟ ଏଯାଏଁ କୌଣସି ପ୍ରଶାସନିକ ସହାୟତା ମିଳିନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ନିଜସ୍ୱ ଘରଡିହ ନାହିଁ, କୃଷି ଜମି ନାହିଁ, ନିୟମିତ ଆୟର ଉତ୍ସ ନାହିଁ—ଏଭଳି ସ୍ଥିତିରେ ଛୋଟ ଶିଶୁକୁ ନେଇ ପରିବାର ଏବେ ଅନିଶ୍ଚିତତା ମଧ୍ୟରେ ରହିଛି ।ଘଟଣାଟି ଆଟିଗାଁ ଗ୍ରାମପଞ୍ଚାୟତ ଅଧୀନ ଜୁନାଗଡ଼ ବ୍ଲକର ମିଚାଗାଁ ପୁରୁଣାପଡ଼ାର। ଏଠାରେ ମହେନ୍ଦ୍ର ନାଏକ (୩୫) ତାଙ୍କ ପତ୍ନୀ ଜୟମଣି ନାଏକ (୩୦) ଏବଂ ୫ ବର୍ଷର ଶିଶୁ ଦୟାତାରୀ ନାଏକଙ୍କ ସହ ଏକ ମାଟି ଘରେ ବସବାସ କରୁଛନ୍ତି। ମହେନ୍ଦ୍ରଙ୍କ ପରିବାରର ଜୀବିକାର ମୁଖ୍ୟ ଆଧାର ହେଉଛି ଦୈନିକ ମଜୁରି କାମ। ନିୟମିତ ରୋଜଗାରର ସୁଯୋଗ ନଥିବାରୁ ଦିନକୁ କାମ ମିଳିଲେ ହିଁ ପରିବାରର ଚୁଲି ଜଳେ। ପରିବାରର ନିଜସ୍ୱ ଘର କିମ୍ବା ଘରଡିହ ଜମି ନାହିଁ। କୃଷି ଜମି ମଧ୍ୟ ନାହିଁ। ଅନ୍ୟ ଜଣଙ୍କ ଘରଡିହ ଜମିରେ ମାଟି ଘର ତିଆରି କରି ସେମାନେ ଦୀର୍ଘଦିନ ଧରି ବସବାସ କରୁଥିବା ଜଣାପଡ଼ିଛି ।ଆର୍ଥିକ ଅସ୍ଥିରତା ସହିତ ପରିବାରଟି ସରକାରୀ ଯୋଜନାର ସୁବିଧାରୁ ମଧ୍ୟ ବଞ୍ଚିତ ଥିବା ଦାବି କରିଛି। ପରିବାର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ସେମାନଙ୍କ ପାଖରେ ରାସନ କାର୍ଡ, ଜବ୍ କାର୍ଡ କିମ୍ବା ଲେବର କାର୍ଡ ନାହିଁ। ଫଳରେ ଖାଦ୍ୟ ସୁରକ୍ଷା, ଗ୍ରାମୀଣ ରୋଜଗାର ଓ ଶ୍ରମିକ କଲ୍ୟାଣ ସମ୍ବନ୍ଧୀୟ ସରକାରୀ ସୁବିଧା ପାଇବାରେ ସମସ୍ୟା ହେଉଥିବା ପରିବାର ପକ୍ଷରୁ କୁହାଯାଇଛି। ସମ୍ପ୍ରତି ଅଞ୍ଚଳରେ ହୋଇଥିବା ଭାରୀ ବର୍ଷା ପରେ ମହେନ୍ଦ୍ରଙ୍କ ମାଟି ଘରର ଏକ ଅଂଶର କାନ୍ଥ ଭୁଶୁଡ଼ି ପଡ଼ିଛି। ଘରର କାନ୍ଥ ଭାଙ୍ଗିଯିବା ଯୋଗୁଁ ଅବଶିଷ୍ଟ ଘରର ସୁରକ୍ଷା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ବର୍ଷା ଜାରି ରହିଲେ ଘରର ଅନ୍ୟ ଅଂଶ ମଧ୍ୟ କ୍ଷତିଗ୍ରସ୍ତ ହେବାର ଭୟ ରହିଛି। ଏକ ପଟେ ଘର ଭାଙ୍ଗିଯିବା, ଅନ୍ୟପଟେ ନିଜସ୍ୱ ଜମି ନଥିବା ଏବଂ ଦୈନିକ ମଜୁରି ଉପରେ ନିର୍ଭରଶୀଳତା—ଏହି ତିନିଟି ସମସ୍ୟା ପରିବାରର ଅସୁବିଧାକୁ ଆହୁରି ବଢ଼ାଇଦେଇଛି। ଘରେ ଜଣେ ୫ ବର୍ଷର ଶିଶୁ ଥିବାରୁ ତାଙ୍କ ସୁରକ୍ଷାକୁ ନେଇ ମଧ୍ୟ ପରିବାର ଚିନ୍ତିତ ଅଛନ୍ତି ।ପରିବାରର କହିବା ଅନୁସାରେ, ଭାରୀ ବର୍ଷାରେ ଘରର କାନ୍ଥ ଭୁଶୁଡ଼ି ପଡ଼ିବା ପରେ ଏଯାଏଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସହାୟତା କିମ୍ବା ଆର୍ଥିକ ସମର୍ଥନ ମିଳିନାହିଁ। ଘରର କ୍ଷୟକ୍ଷତିର ସରକାରୀ ଆକଳନ ହୋଇଛି କି ନାହିଁ, ସେନେଇ ମଧ୍ୟ ପରିବାର ପକ୍ଷରୁ ସ୍ପଷ୍ଟ ସୂଚନା ନାହିଁ। ଏଭଳି ସ୍ଥିତିରେ ପରିବାରଟି ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଆଶା କରୁଛି। ପ୍ରଥମେ ଘଟଣାସ୍ଥଳରେ ଯାଇ ଘରର କ୍ଷୟକ୍ଷତି ଓ ପରିବାରର ବାସ୍ତବ ସ୍ଥିତି ଯାଞ୍ଚ କରିବା, ନିୟମ ଅନୁଯାୟୀ ଯଦି କ୍ଷତିପୂରଣ କିମ୍ବା ଜରୁରୀ ସହାୟତା ପାଇବାକୁ ପରିବାର ଯୋଗ୍ୟ ହୁଏ ତେବେ ତାହା ଯୋଗାଇଦେବା ଏବଂ ଆବାସ ଓ ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ଯୋଜନାରେ ପରିବାରକୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି ।ମହେନ୍ଦ୍ର ନାଏକଙ୍କ ପରିବାରର ସ୍ଥିତି ଗ୍ରାମାଞ୍ଚଳର ଭୂମିହୀନ ଓ ଦୈନିକ ମଜୁରି ଉପରେ ନିର୍ଭରଶୀଳ ପରିବାରମାନଙ୍କ ଅସୁରକ୍ଷିତ ଜୀବନକୁ ସାମ୍ନାକୁ ଆଣିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏଭଳି ପରିବାରଙ୍କ ପାଇଁ ଏକ ଘର ହିଁ ସେମାନଙ୍କର ଏକମାତ୍ର ଆଶ୍ରୟ। ସେହି ଆଶ୍ରୟ ମଧ୍ୟ ଯେତେବେଳେ ଭାଙ୍ଗିଯାଏ, ସେତେବେଳେ ପ୍ରଶାସନିକ ସହାୟତା ସେମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼େ। ତେଣୁ ମହେନ୍ଦ୍ରଙ୍କ ପରିବାରର ବାସ୍ତବ ସ୍ଥିତିର ତୁରନ୍ତ ଯାଞ୍ଚ କରି ଜରୁରୀ ସହାୟତା, ନିରାପଦ ଆବାସ ଏବଂ ଯୋଗ୍ୟ ସରକାରୀ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଭାବେ ଦାବି ହୋଇଛି।

## ଜ୍ଞାନେଶ କୁମାରଙ୍କ ବିରୋଧରେ ଅକ୍ଟୋବର ୨ରୁ 'ଜେଲ୍ ଭରୋ' ଆନ୍ଦୋଳନ: ପୁଲିସ ଅନୁମତି ଦେଇନଥିଲେ ବି ହଟିବନି ସିଜେପି



ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଘୋଷଣା କରିଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି) ଅକ୍ଟୋବର ୨ରୁ ମୁମ୍ବାଇରେ 'ଜେଲ୍ ଭରୋ ଆନ୍ଦୋଳନ' ଆରମ୍ଭ କରିବ ବୋଲି ଘୋଷଣା କରିଛି। ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ ସୋମବାର ଏହି ଘୋଷଣା କରିଛନ୍ତି। ଗାନ୍ଧୀ ଜୟନ୍ତୀ ଦିନ ଶିବାଜୀ ପାର୍କରେ ଆନ୍ଦୋଳନ କରିବାକୁ ସଂଗଠନ ଯୋଜନା କରିଥିଲା। ତେବେ ମୁମ୍ବାଇ ପୁଲିସ ଏଥିପାଇଁ ଅନୁମତି ଦେଇନାହିଁ। ଏହାସତ୍ତ୍ୱେ ଆନ୍ଦୋଳନ କରାଯିବ ବୋଲି ଦୀପକେ କହିଛନ୍ତି।

ସିଜେପି ପକ୍ଷରୁ ଜ୍ଞାନେଶ କୁମାରଙ୍କ ଇସ୍ତଫା ସହ ନିର୍ବାଚନୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆରକୁ ସ୍ଥଗିତ ରଖିବା ଏବଂ ନିର୍ବାଚନ କମିସନ ସମ୍ପର୍କିତ ୨୦୨୩ର ଆଇନରେ ପରିବର୍ତ୍ତନ ଭଳି ଦାବି ଉଠାଯାଇଛି। ଗତ ୨୪ ସେପ୍ଟେମ୍ବରରେ ଦୀପକେ ଓ ସହଯୋଗୀମାନେ ଜ୍ଞାନେଶ କୁମାରଙ୍କୁ ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ଦେବାକୁ ସମୟ ଦେଇଥିଲେ। ଇସ୍ତଫା ନ ଦେଲେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଥିଲେ। ମୁମ୍ବାଇ ପୁଲିସ ଶିବାଜୀ ପାର୍କରେ ବିକ୍ଷୋଭ ପାଇଁ ଅନୁମତି ନ ଦେବା ପରେ ଦୀପକେ 'ଜେଲ୍ ଭରୋ ଆନ୍ଦୋଳନ' ଘୋଷଣା କରିଛନ୍ତି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଶିବାଜୀ ପାର୍କରେ ସାଧାରଣ ସଭା ପାଇଁ ଅନୁମତି ଦେବା ନେଇ ଉଚ୍ଚ ନ୍ୟାୟାଳୟର ଆଦେଶ ଓ ସରକାରୀ ନିର୍ଦ୍ଦେଶ ରହିଛି। ଏଥିସହ ବିଏମ୍ସିର ଆବଶ୍ୟକ ଅନୁମତି ନ ଥିବା କଥା ମଧ୍ୟ ଜଣାପଡ଼ିଛି। ଏଥି ମଧ୍ୟରେ ସିଜେପିର ସହ-ସଂଯୋଜକ ସୌରଭ ଦାସ କହିଛନ୍ତି ଯେ ଜ୍ଞାନେଶ କୁମାରଙ୍କ ବିରୋଧରେ ଅଦାଲତରେ ଯେତେ ଆବେଦନ ହେଉ କିମ୍ବା ଅଦାଲତ ଯେଉଁ ରାୟ ଦିଅନ୍ତୁ, ସଂଗଠନ ନିଜ ଦାବିରୁ ପଛକୁ ହଟିବ ନାହିଁ। ସିଜେପି ପକ୍ଷରୁ ନିର୍ବାଚନୀ ପ୍ରକ୍ରିୟାରେ ଅନିୟମିତତା ଓ ଭୋଟର ଅଧିକାର ସମ୍ପର୍କରେ ଅଭିଯୋଗ ମଧ୍ୟ କରାଯାଇଛି। ଅକ୍ଟୋବର ୨ର ଆନ୍ଦୋଳନ ମୁମ୍ବାଇରୁ ଆରମ୍ଭ କରି ପରେ ଅନ୍ୟ ସହରକୁ ନେବାକୁ ସିଜେପି ଯୋଜନା କରିଥିବା ଜଣାପଡ଼ିଛି।

## ଶୀତଋତୁରେ ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀ ସରକାରଙ୍କ ପଦକ୍ଷେପ



ନୂଆଦିଲ୍ଲୀ: ଆଗକୁ ଶୀତ ଆସୁଥିବାରୁ ଦିଲ୍ଲୀ ସରକାର ଦିଲ୍ଲୀ-ଏନ୍ସିଆର୍ରେ ପ୍ରଦୂଷଣ ନିୟନ୍ତ୍ରଣ କରିବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। କାରଣ ଶୀତ ଦିନରେ ଦିଲ୍ଲୀ ବାୟୁର ମାନ ଅତି ସାଂଘାତିକ ହୋଇଯାଏ। ଦିଲ୍ଲୀର ପ୍ରଦୂଷଣ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିର୍ସା କହିଛନ୍ତି, କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ହୋଇଥିବା ବୈଠକ ପରେ ପ୍ରଦୂଷଣ ରୋକିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି।

ବୈଠକରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀ ପୂର୍ବ ମନ୍ତ୍ରୀ ପରବେଶ ବର୍ମା ଓ ମନ୍ତ୍ରୀ ସିର୍ସା ଉପସ୍ଥିତ ଥିଲେ। ଘୋଷିତ ପ୍ରମୁଖ ପଦକ୍ଷେପ ମଧ୍ୟରୁ ଗୋଟିଏ ହେଉଛି 'ନୋ ପିୟୁସିସି, ନୋ ଫୁଏଲ୍' ନୀତିକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। ଏହାର ଅର୍ଥ ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିଲେ ତେଲ ମିଳିବନି।

ଏହା ବ୍ୟତୀତ ଦିଲ୍ଲୀର ସମସ୍ତ ୫୦୦ ପେଟ୍ରୋଲ ପମ୍ପ, ଯେଉଁଠାରେ ଏଏନ୍ପିଆର୍ କ୍ୟାମେରା ଲାଗିଛି, ସେଠାରେ 'ଏଣ୍ଡ୍ ଅଫ୍ ଲାଇଫ୍' ତଥା ଚଳାଚଳ ଯୋଗ୍ୟତା ସମୟ ଶେଷ ହୋଇଥିବା ଯାନବାହନ ବିରୋଧରେ କଡ଼ା ଅଭିଯାନ ଚାଲିବ। ଏନେଇ ଅକ୍ଟୋବରରେ ଜନସଚେତନତା ଅଭିଯାନ ଆରମ୍ଭ ହେବ ଏବଂ ନଭେମ୍ବରରେ ପିୟୁସି କେନ୍ଦ୍ରଗୁଡ଼ିକର ଉନ୍ନୟନ କରାଯିବ। ଏଥିସହ ୩ଟି ଅଟୋମେଟେଡ୍ ଟେଷ୍ଟିଙ୍ଗ ଷ୍ଟେସନ୍ ମାଧ୍ୟମରେ ପ୍ରାୟ ୨.୫ ଲକ୍ଷ ଯାନବାହନର ଫିଟନେସ୍ ଯାଞ୍ଚ କରାଯିବ। ମନ୍ତ୍ରୀ ସିର୍ସା କହିଛନ୍ତି ଯେ, ଦିଲ୍ଲୀ ସରକାର ଆଉ ୧୫୦ଟି ଇଲେକ୍ଟ୍ରିକ୍ ବସ୍ ଚଳାଇବେ। ଏହା ଫଳରେ ଦିଲ୍ଲୀରେ ଇ-ବସ୍ ସଂଖ୍ୟା ୭୦୦ରୁ ଅଧିକ ହେବ। ବର୍ତ୍ତମାନ ଦିଲ୍ଲୀରେ ୫୮୮ଟି ଇଲେକ୍ଟ୍ରିକ୍ ବସ୍ ଚଳାଚଳ କରୁଛି। ବାୟୁ ପ୍ରଦୂଷଣ ଓ ଟ୍ରାଫିକ୍ ଭିଡ଼ ଅଧିକ ଥିବା ସ୍ଥାନଗୁଡ଼ିକରେ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଏକ ବ୍ୟାପକ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ସିର୍ସା ସୋମବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଶ୍ମଶାନ, ଡମ୍ପିଂ ସାଇଟ୍ ଓ ନିର୍ମାଣ/ଭଙ୍ଗା କାର୍ଯ୍ୟରୁ ଉତ୍ପନ୍ନ ବର୍ଜ୍ୟବସ୍ତୁ ଥିବା ସ୍ଥାନଗୁଡ଼ିକ ଉପରେ ବିଶେଷ ନଜର ରଖାଯିବ। ମୋଟ୍ ୬୨ଟି ପ୍ରଦୂଷଣ ହଟ୍ସ୍ପଟ୍ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୪୨ଟି ସ୍ଥାନରେ ପ୍ରଦୂଷଣ ସ୍ତରକୁ ନିୟନ୍ତ୍ରଣକୁ ଅଣାଯାଇଛି ଏବଂ ବାକି ସ୍ଥାନଗୁଡ଼ିକରେ କାମ ଜାରି ରହିଛି। ଦିଲ୍ଲୀ ସରକାର ଆହୁରି କେତେକ ପଦକ୍ଷେପ ନେଇଛନ୍ତି ଏବଂ ସେଥିରେ ପାର୍କିଂ ଫି ବୃଦ୍ଧି, ଅଫିସ୍ ସମୟରେ ପରିବର୍ତ୍ତନ ଏବଂ ୫୦ ପ୍ରତିଶତ ୱାର୍କ ଫ୍ରମ୍ ହୋମ୍ ବ୍ୟବସ୍ଥା ରହିଛି। ନଭେମ୍ବର ପହିଲାରୁ ଅନୁମୋଦିତ ପାର୍କିଂ ସ୍ଥାନଗୁଡ଼ିକରେ ପାର୍କିଂ ଫି ଦୁଇଗୁଣ କରାଯିବ, ଯାହାଦ୍ୱାରା ବ୍ୟକ୍ତିଗତ ଗାଡ଼ି ବ୍ୟବହାରକୁ ନିରୁତ୍ସାହିତ କରାଯିବ। ଏମ୍ସିଡି (ଦିଲ୍ଲୀ ପୌର ନିଗମ) ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକ ନଭେମ୍ବର ୧ରୁ ଫେବ୍ରୁଆରି ୨୮ ପର୍ଯ୍ୟନ୍ତ ସକାଳ ୮ଟା ୩୦ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ଜିଏନ୍ସିଟିଡି (ଗଭର୍ଣ୍ଣମେଣ୍ଟ ଅଫ୍ ଦି ନ୍ୟାସନାଲ କ୍ୟାପିଟାଲ ଟେରିଟୋରି ଅଫ୍ ଦିଲ୍ଲୀ) ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ୩୦ଟା ପର୍ଯ୍ୟନ୍ତ ଚାଲିବ।

## ଆରବ ସାଗର ପାର୍ ହେବା ଆମେରିକାକୁ କେବଳ କ୍ଷତି ଦେଇଛି: ମୋଜତାବା ଖେମିନି



AFP

ତେହେରାନ: ଇରାନ ସର୍ବୋଚ୍ଚ ନେତା ମୋଜତାବା ଖେମିନି ସୋମବାର କହିଛନ୍ତି ଯେ, ଅତ୍ୟଧିକ କ୍ଷତି ସହିବା ପରେ ଆମେରିକା ଆରବ ସାଗର ଛାଡ଼ିବାକୁ ବାଧ୍ୟ ହେବ। ମୋଜତାବାଙ୍କ ମନ୍ତବ୍ୟ ଇରାନ ଜାତୀୟ ଟିଭିରେ ପ୍ରସାରିତ କରାଯାଇଥିଲା। ଫେବ୍ରୁଆରିରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଖେମିନିଙ୍କୁ କେହି ସର୍ବସାଧାରଣରେ ଦେଖିନାହାନ୍ତି। ଖେମିନି ଆମେରିକାର ନାମ ନ ନେଇ କହିଛନ୍ତି ଯେ, ଶତ୍ରୁ ଶକ୍ତିକୁ ଖୁବ୍ ଶୀଘ୍ର ଆରବ ସାଗରରୁ ବିତାଡ଼ିତ କରାଯିବ। ତାଙ୍କ ଅନୁସାରେଆକ୍ରମଣକାରୀ ଶକ୍ତି ଏବେ ନିଜେ ଯୁଦ୍ଧ ଜାରି ରଖିବା ପରିବର୍ତ୍ତେ ଯୁଦ୍ଧ ବନ୍ଦ କରିବାକୁ ନିବେଦନ କରୁଛନ୍ତି। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନା ସର୍ବକାଳୀନ ଶୀର୍ଷରେ ରହିଛି। ଇରାନ-ଇରାକ ଯୁଦ୍ଧର ବାର୍ଷିକୀ ଓ ୨୦୨୪ ମସିହାରେ ହତ୍ୟା କରାଯାଇଥିବା ହିଜବୋଲ୍ଲା ନେତା ହାସନ ନସରାଲ୍ଲାଙ୍କ ମୃତ୍ୟୁ ବାର୍ଷିକୀରେ ଜାରି ଏକ ବାର୍ତ୍ତାରେ ଖେମିନି ଏହି ଦେଇଛନ୍ତି। ଏହି ଦୁଇଟି ଅବସରକୁ ଇରାନରେ ବଡ଼ ଧୁମ୍‌ଧାମ୍‌ରେ ପାଳନ କରାଯାଏ।

## ଇଣ୍ଡି ମେଣ୍ଟ ବୈଠକରେ ଯୋଗ ଦେବେନି ଅଖିଳେଶ

ଲକ୍ଷ୍ନୌ: ଉତ୍ତରପ୍ରଦେଶରେ ୨୦୨୭ ବିଧାନସଭାନିର୍ବାଚନ ପୂର୍ବରୁ ସମାଜବାଦୀ ପାର୍ଟି (ସପା) ଓ କଂଗ୍ରେସ ମଧ୍ୟରେ ଆସନ ବୁଝାମଣାକୁ ନେଇ ମତଭେଦ ଦେଖାଦେଇଛି। ଏହି ସମୟରେ ସେପ୍ଟେମ୍ବର ୩୦ରେ ନୂଆଦିଲ୍ଲୀରେ ହେବାକୁ ଥିବା ଇଣ୍ଡିମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ସପା ମୁଖ୍ୟ ଅଖିଳେଶ ଯାଦବ ନିଜେ ଯୋଗ ଦେବେ ନାହିଁ। ତାଙ୍କ ବଦଳରେ ଦଳର ଜଣେ ବରିଷ୍ଠ ନେତା ବୈଠକରେ ସପାର ପ୍ରତିନିଧିତ୍ୱ କରିବେ।

ସପା ପକ୍ଷରୁ କୁହାଯାଇଛି ଯେ ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ପ୍ରାର୍ଥୀ ଚୟନ ଓ ଅନ୍ୟ ଦଳୀୟ କାର୍ଯ୍ୟକ୍ରମରେ ଅଖିଳେଶ ବ୍ୟସ୍ତ ରହିବେ। ତେଣୁ ସେ ବୈଠକରେ ଯୋଗ ଦେଉନାହାନ୍ତି। ତେବେ ଦଳୀୟ ସୂତ୍ରକୁ ଉଦ୍ଧୃତ କରି ରିପୋର୍ଟରେ କୁହାଯାଇଛି ଯେ କଂଗ୍ରେସର ଶୀର୍ଷ ନେତୃତ୍ୱ ସହ ଆସନ ବୁଝାମଣା ଆଲୋଚନାକୁ ଏହି ସମୟରେ ଏଡ଼ାଇବା ମଧ୍ୟ ଏହାର ଏକ କାରଣ ହୋଇପାରେ। କଂଗ୍ରେସ ଚାହୁଁଛି, ଉତ୍ତରପ୍ରଦେଶରେ ମେଣ୍ଟର ଆସନ ବଣ୍ଟନ ଶୀଘ୍ର ଚୂଡ଼ାନ୍ତ ହେଉ। ଦଳ କେତୋଟି ଆସନରେ ଲଢ଼ିବ ଏବଂ କେଉଁ ଆସନଗୁଡ଼ିକରେ ପ୍ରାର୍ଥୀ ଦେବ, ତାହା ନେଇ ଅକ୍ଟୋବରରେ ଆଲୋଚନା ଶେଷ କରିବାକୁ ଚାହୁଁଥିବା ରିପୋର୍ଟ ପ୍ରକାଶ ପାଇଛି। କଂଗ୍ରେସ ଅତି କମ୍‌ରେ ୧୫୦ଟି ଆସନରେ ଲଢ଼ିବାକୁ ଚାହୁଁଥିବା ନେଇ ମଧ୍ୟ ଖବର ଆସିଛି। ଅନ୍ୟପକ୍ଷରେ ସପା ଆସନ ସଂଖ୍ୟା ଅପେକ୍ଷା ପ୍ରାର୍ଥୀଙ୍କ ବିଜୟ ସମ୍ଭାବନାକୁ ଅଧିକ ଗୁରୁତ୍ୱ ଦେଉଛି। କଂଗ୍ରେସ କେଉଁ ଆସନରେ ଲଢ଼ିବାକୁ ଚାହୁଁଛି, ସେହି ଆସନଗୁଡ଼ିକର ତାଲିକା ସହ ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ଦେବାକୁ ସପା ଚାହୁଁଛି। ସେହି ଅଞ୍ଚଳରେ କଂଗ୍ରେସର ସାଂଗଠନିକ ଆଧାର ଓ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନାକୁ ମଧ୍ୟ ବିଚାର କରିବାକୁ ସପାର ଆଭିମୁଖ୍ୟ ରହିଛି। ଅଖିଳେଶଙ୍କ କହିବା ଅନୁସାରେ କଂଗ୍ରେସ ଅଧ୍ୟକ୍ଷମଲ୍ଲିକାର୍ଜୁନ ଖଡ଼ଗେଙ୍କ ସହ ତାଙ୍କର କଥା ହୋଇଛି। ଅକ୍ଟୋବର ପ୍ରଥମ ସପ୍ତାହରେ ଉଭୟଙ୍କ ମଧ୍ୟରେ ବୈଠକ ହୋଇପାରେ। ଏହି ପରିସ୍ଥିତିରେ ସେପ୍ଟେମ୍ବର ୩୦ର ବୈଠକରେ ଅଖିଳେଶଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଚାଲିଛି।

## ବିଚାରପତି ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ୩ ଜଣଙ୍କ ନାମ ସୁପାରିଶ କଲା

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ କଲେଜିୟମ୍ ସୋମବାର ଦେଶର ସର୍ବୋଚ୍ଚ ଅଦାଲତରେ ବିଚାରପତି ନିଯୁକ୍ତି ପାଇଁ ତିନି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନାମର ସୁପାରିସ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଛନ୍ତି। ଏଥିରେ ଗୁଜରାଟ ହାଇକୋର୍ଟ ମୁଖ୍ୟ ବିଚାରପତି ସୁନିତା ଅଗ୍ରୱାଲ, ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଓ ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି ଅପରେଶ କୁମାର ସିଂହ ଅଛନ୍ତି। ସୋମବାର ଅନୁଷ୍ଠିତ କଲେଜିୟମ୍ ବୈଠକରେ ଏହି ସୁପାରିସ କରାଯାଇଛି। ପ୍ରଧାନ ବିଚାରପତିଙ୍କ ବ୍ୟତୀତ ଜଷ୍ଟିସ ବିକ୍ରମ ନାଥ, ବିଭି ନାଗରତ୍ନା, ଏମ୍ଏମ୍ ସୁନ୍ଦ୍ରେଶ୍ ଓ ପିଏସ୍ ନରସିଂହ କଲେଜିୟମ୍‌ରେ ଅଂଶ ଥିଲେ।

## ସାକ୍ଷୀଙ୍କୁ ଦୁର୍ଗରୁ ଠେଲି ହତ୍ୟା କରିବାକୁ ଧମକ ଦେଇଥିଲେ ଅଭିଯୁକ୍ତ

ପୁଣେ: ମହାରାଷ୍ଟ୍ରର ପୁଣେର ବହୁଚର୍ଚ୍ଚିତ ବ୍ୟବସାୟୀ କେତନ ଅଗ୍ରୱାଲ ହତ୍ୟା ମାମଲାରେ ଏକ ନୂଆ ମୋଡ଼ ଆସିଛି। କେତନଙ୍କୁ ଜୁନ୍ ୧୮ ତାରିଖରେ ଲୋହାଗଡ଼ ଦୁର୍ଗ ଉପରୁ ଧକ୍କା ଦେଇ ତାଙ୍କ ଭାବୀ ପତ୍ନୀ ଓ ତାଙ୍କ ପ୍ରେମିକ ହତ୍ୟା କରିଥିଲେ। ପ୍ରଥମେ ହତ୍ୟାକାଣ୍ଡକୁ ଦୁର୍ଘଟଣାର ରୂପ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ



କେତନଙ୍କ ଭାବୀ ପତ୍ନୀ ସିଆ ଗୋୟଲ ଓ ତାଙ୍କ ପ୍ରେମିକ ଚେତନ ଚୌଧୁରୀ ଗିରଫ ହୋଇଥିଲେ। ଏହି ମାମଲାରେ ତୃତୀୟ ଅଭିଯୁକ୍ତ ଚେତନଙ୍କ ବନ୍ଧୁ ରିତେଶ ହାଙ୍ଗେଙ୍କୁ ଗିରଫ କରାଯାଇଛି। କେତନଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥିବା ପୁଲିସ କହିଥିଲା। ଏହି ହତ୍ୟା ଘଟଣାର ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ, ଚେତନ ଚୌଧୁରୀ ୨୬ ବର୍ଷୀୟ କେତନଙ୍କୁ ଦୁର୍ଗ ଉପରୁ ଧକ୍କା ଦେଇଥିବା ସେ ଦେଖିଥିଲେ। ସାକ୍ଷୀଙ୍କ ନାଁ ପ୍ରକାଶ କରାଯାଇ ନଥିବାବେଳେ ସେ କହିଛନ୍ତି, ତାଙ୍କୁ ମୁହଁ ବନ୍ଦ ରଖିବାକୁ କୁହାଯାଇ ନଥିଲା, ନହେଲେ ତାଙ୍କର ମଧ୍ୟ ସମାନ ଅବସ୍ଥା ହେବ ବୋଲି ଧମକ ଦିଆଯାଇଥିଲା। ସାକ୍ଷୀ ଜଣକ ନିଜ ବନ୍ଧୁଙ୍କ ପରିବାର ସହିତ ଦୁର୍ଗକୁ ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା। ତେବେ ଘଟଣାର ପାଞ୍ଚ ଦିନ ପରେ ଜୁନ୍ ୨୩ ତାରିଖରେ ସେ ପୁଲିସରେ ତାଙ୍କ ବୟାନ ରେକର୍ଡ଼ କରିଥିଲେ। ଚେତନଙ୍କ ହୁଡି ତାଙ୍କୁ ତାଙ୍କ ଚେହେରା ମନେରଖିବାରେ ସାହାଯ୍ୟ କରିଥିଲା। ସାକ୍ଷୀ କହିଛନ୍ତି, ସେ ଏତେ ଗରମରେ କାହିଁକି ହୁଡି ପିନ୍ଧିଛନ୍ତି ବୋଲି ମଧ୍ୟ ଚେତନଙ୍କୁ ପ୍ରଶ୍ନ କରିଥିଲେ। ସାକ୍ଷୀ ପୁଲିସକୁ କହିଥିଲେ ଯେ, ପେଟରେ ଯନ୍ତ୍ରଣା ହେବାରୁ ସେହି ଦିନ ସେ କିଛି ସମୟ ପାଇଁ ଘଟଣାସ୍ଥଳରୁ ଦୂରେଇ ଯାଇଥିଲେ। ଫେରିବା ସମୟରେ, ସିଆ ଚେତନଙ୍କ ଆଡ଼କୁ ଇଙ୍ଗିତ କରୁଥିବାର ସେ ଦେଖିଥିଲେ। ସାକ୍ଷୀଙ୍କ ବୟାନ ଅନୁସାରେ, ମହିଳା ଜଣକ ବସିପଡ଼ି କେତନଙ୍କ ଗୋଡ଼କୁ ଲାତ ମାରିଥିଲେ। ଏହା ପରେ ଚେତନ ପଛରୁ ବ୍ୟବସାୟୀଙ୍କ ପାଖକୁ ଦୌଡ଼ି ଯାଇ ତାଙ୍କୁ ପାହାଡ଼ ତଳକୁ ଠେଲି ଦେଇଥିଲେ। ସାକ୍ଷୀ ଜଣକ ଚେତନଙ୍କୁ ସେ ଦେଖିଥିବା ଦୃଶ୍ୟ ବିଷୟରେ ପଚାରିଥିଲେ, କିନ୍ତୁ ଚେତନ ତାଙ୍କୁ ସେହି ଦୁର୍ଗରୁ ଠେଲି ଦେବାକୁ ଧମକ ଦେଇଥିଲା। ପରେ ସାକ୍ଷୀ ଜଣକ ଘଟଣା ସମ୍ପର୍କରେ ତାଙ୍କ ବନ୍ଧୁଙ୍କୁ ମଧ୍ୟ କିଛି କହିନଥିଲେ।

## ସ୍ପେସ୍ଏକ୍ସର ଷ୍ଟାର୍‌ସିପ୍‌ର ପ୍ରଥମ କକ୍ଷପଥ ଯାତ୍ରା

ନ୍ୟୁୟର୍କ: ଏଲନ୍ ମସ୍କଙ୍କ ମହାକାଶ କମ୍ପାନି ସ୍ପେସ୍ଏକ୍ସ ସୋମବାର ପ୍ରଥମ ଥର ପାଇଁ ଷ୍ଟାର୍‌ସିପ୍‌କୁ ପୃଥିବୀର କକ୍ଷପଥକୁ ପଠାଇବାକୁ ଉଦ୍ୟମ କରିଛି। ଏହି ଚତୁର୍ଦ୍ଦଶ ପୂର୍ଣ୍ଣାଙ୍ଗ ପରୀକ୍ଷଣ ଉଡ଼ାଣରେ ଷ୍ଟାର୍‌ସିପ୍ ସହିତ ୨୬ଟି ନୂଆ ଷ୍ଟାର୍‌ଲିଙ୍କ୍ ଉପଗ୍ରହ ମଧ୍ୟ ପଠାଯାଇଛି। ମିସନଟି ସଫଳ ହେଲେ ଷ୍ଟାର୍‌ସିପ୍‌ର ଭବିଷ୍ୟତ ମହାକାଶ ଅଭିଯାନ ସହିତ ନାସାର ଆର୍ଟେମିସ୍ ଚନ୍ଦ୍ର ଅଭିଯାନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

୧୨୪ ମିଟର ଉଚ୍ଚ ଷ୍ଟାର୍‌ସିପ୍-ସୁପର ହେଭି ରକେଟ୍ ଆମେରିକାର ଟେକ୍ସାସ୍‌ର ଦକ୍ଷିଣ ପ୍ରାନ୍ତରେ ଥିବା ସ୍ପେସ୍ଏକ୍ସର ଷ୍ଟାର୍‌ବେସ୍‌ରୁ ଉତ୍କ୍ଷେପଣ ହୋଇଛି। ଏହା ଷ୍ଟାର୍‌ସିପ୍‌ର ୧୪ଶ ପରୀକ୍ଷଣ ଉଡ଼ାଣ। ପୂର୍ବରୁ ହୋଇଥିବା ୧୩ଟି ଉଡ଼ାଣ କକ୍ଷପଥରେ ପହଞ୍ଚି ପାରିନଥିଲା। ଏଥର ମୁଖ୍ୟ ଲକ୍ଷ୍ୟ ହେଉଛି ଷ୍ଟାର୍‌ସିପ୍‌କୁ ପ୍ରାୟ ୨୭୫ କିଲୋମିଟର ଉଚ୍ଚତାରେ କକ୍ଷପଥରେ ପ୍ରବେଶ କରାଇବା।



ମିସନଟି ପ୍ରାୟ ୧୦ ଘଣ୍ଟା ଧରି ଚାଲିବାର ଯୋଜନା ରହିଛି। ଏହି ସମୟରେ ଷ୍ଟାର୍‌ସିପ୍ ପୃଥିବୀ ଚାରିପଟେ ପ୍ରାୟ ୬ ଥର ଘୂରିବ। ଏହା ପରେ ଏହା ଡି-ଅର୍ବିଟ୍ ବର୍ଣ୍ଣ କରି ପୃଥିବୀର ବାୟୁମଣ୍ଡଳରେ ପୁନଃପ୍ରବେଶ କରିବ ଏବଂ ଚିଲି ନିକଟ ପ୍ରଶାନ୍ତ ମହାସାଗରରେ ଅବତରଣ କରିବାର ଯୋଜନା ରହିଛି। ଏହାର ପ୍ରଥମ ପର୍ଯ୍ୟାୟ ସୁପର ହେଭି ବୁଷ୍ଟର୍‌କୁ ମେକ୍ସିକୋ ଉପସାଗରରେ ନିୟନ୍ତ୍ରିତ ଭାବେ ଅବତରଣ କରାଯିବ।

ଏହି ମିସନର ଆଉ ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ୨୬ଟି ଷ୍ଟାର୍‌ଲିଙ୍କ୍ ଭି୩ ଉପଗ୍ରହକୁ ମହାକାଶରେ ଛାଡ଼ିବା। ଏଗୁଡ଼ିକ ପୂର୍ବ ପିଢ଼ିର ଉପଗ୍ରହ ତୁଳନାରେ ଅଧିକ ତଥ୍ୟ ପ୍ରେରଣ କ୍ଷମତା ଯୋଗାଇବା ପାଇଁ ଡିଜାଇନ୍ କରାଯାଇଛି। ଉପଗ୍ରହଗୁଡ଼ିକ ଷ୍ଟାର୍‌ସିପ୍‌ରୁ ଅଲଗା ହେବା ପରେ ସୌର ପ୍ୟାନେଲ୍ ଓ ଆଣ୍ଟେନା ଖୋଲିବେ ଏବଂ ନିଜସ୍ୱ ଇଞ୍ଜିନ୍ ଜରିଆରେ ଧୀରେ ଧୀରେ ନିର୍ଦ୍ଧାରିତ କକ୍ଷପଥକୁ ଯିବେ। ଏହା ଷ୍ଟାର୍‌ସିପ୍ ମାଧ୍ୟମରେ ଷ୍ଟାର୍‌ଲିଙ୍କ୍‌ର କାର୍ଯ୍ୟକ୍ଷମ ଉପଗ୍ରହ ପଠାଇବାର ପ୍ରଥମ ମିସନ ବୋଲି କୁହାଯାଉଛି। ଏହି ପରୀକ୍ଷଣରେ କକ୍ଷପଥରେ ଇଞ୍ଜିନ୍ ପୁନଃ ଚାଲୁ କରିବା, ଉପଗ୍ରହ ଛାଡ଼ିବା, ତାପରୋଧୀ ଆବରଣର କାର୍ଯ୍ୟକ୍ଷମତା ଓ ପୃଥିବୀକୁ ନିୟନ୍ତ୍ରିତ ଭାବେ ଫେରିବା ଭଳି ବିଭିନ୍ନ ପ୍ରଯୁକ୍ତି ପରୀକ୍ଷା କରାଯିବ। ତିନିଟି ଷ୍ଟାର୍‌ଲିଙ୍କ୍ ଉପଗ୍ରହରେ ଷ୍ଟାର୍‌ସିପ୍‌ର ତାପରୋଧୀ ଆବରଣର ଚିତ୍ର ଉଠାଇବା ପାଇଁ କ୍ୟାମେରା ମଧ୍ୟ ରହିଛି।

ଷ୍ଟାର୍‌ସିପ୍‌କୁ ସମ୍ପୂର୍ଣ୍ଣ ପୁନଃବ୍ୟବହାରଯୋଗ୍ୟ ମହାକାଶଯାନ ଭାବେ ବିକଶିତ କରୁଛି ସ୍ପେସ୍ଏକ୍ସ। ଭବିଷ୍ୟତରେ ମଣିଷ ଓ ସାମଗ୍ରୀକୁ ଚନ୍ଦ୍ର ଓ ମଙ୍ଗଳକୁ ପଠାଇବା ଏହାର ଲକ୍ଷ୍ୟ। ନାସା ଆର୍ଟେମିସ୍ କାର୍ଯ୍ୟକ୍ରମରେ ଚନ୍ଦ୍ରରେ ମହାକାଶଚାରୀଙ୍କୁ ଅବତରଣ କରାଇବା ପାଇଁ ଷ୍ଟାର୍‌ସିପ୍‌ର ଏକ ପରିବର୍ତ୍ତିତ ସଂସ୍କରଣକୁ ଚନ୍ଦ୍ର ଅବତରଣଯାନ ଭାବେ ଚୟନ କରିଛି।

# ନୀରଜଙ୍କ ଅନୁପସ୍ଥିତିରେ ଆସିଲା ଡବଲ୍ ପଦକ

## ୮୫.୭୨ ଥ୍ରୋ କରି ଯଶବୀରଙ୍କୁ ରୌପ୍ୟ, ରୋହିତ ଯାଦବଙ୍କୁ ବ୍ରୋଞ୍ଜ

ଆଇଚୀ-ନାଗୋୟା, ୨୮।୯: ଏସିଆନ ଗେମ୍ସ ୨୦୨୬ର ଜାଭେଲିନରେ ଭାରତର ଦମଦାର ପ୍ରଦର୍ଶନ। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା ଏସିଆନ ଗେମ୍ସରେ ନଥିଲେ ମଧ୍ୟ ଜାଭେଲିନର ପୁରୁଷ ବର୍ଗରେ ଭାରତକୁ ମିଳିଛି ଡବଲ ପଦକ। ଭାରତ ଉଭୟ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଛି।



ଭାରତର ଯଶବୀର ସିଂହ ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ୮୫.୭୨ ମିଟର ସହ ରୌପ୍ୟ ପଦକ ପାଇଛନ୍ତି। ସେହିପରି ରୋହିତ ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୮୪.୩୫ ମିଟର ଦୂରକୁ ଜାଭେଲିନ ଫିଙ୍ଗିଛନ୍ତି।

ଶ୍ରୀଲଙ୍କାର ରମେଶ ପଥିରାଗେ ସମସ୍ତଙ୍କ ଆଶା ଅନୁସାରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ୯୦ ମିଟର ମାର୍କ ଅତିକ୍ରମ କରିପାରି ନାହାନ୍ତି। ତଥାପି ୮୮.୫୫ ମିଟର ପ୍ରଦର୍ଶନ ସହ ପ୍ରଥମ ସ୍ଥାନ ଦଖଲ କରିଛନ୍ତି।

ପାକିସ୍ତାନର ଅଶରଦ୍ ନଦୀମ ୮୦.୨୯ ଦୂରତା ସହ ୪ର୍ଥ ସ୍ଥାନରେ ରହିଛନ୍ତି। ନଦୀମ ୨୦୨୪ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେ ୯୦ ମିଟର ଦୂରତା ଅତିକ୍ରମ କରିଥିଲେ। ହେଲେ ଏବେ ସେ ଆଶା ଅନୁସାରେ ଆଗ ପ୍ରଦର୍ଶନ କରିପାରି ନାହାନ୍ତି।

ଏସିଆନ ଗେମ୍ସ ଜାଭେଲିନ ଥ୍ରୋରେ ନୀରଜ ଚୋପ୍ରା ଆରମ୍ଭରୁ ରହିଥିଲେ। କିନ୍ତୁ ଆହତ ସମସ୍ୟା ଯୋଗୁ ତାଙ୍କୁ ଏସିଆନ ଗେମ୍ସରୁ ବାଦ କରାଯାଇଥିଲା। ଏହାପରେ ଜାଭେଲିନରେ ଭାରତର ପଦକ ଜିତିବା ଆଶା ମଉଳି ଯାଇଥିଲା। ହେଲେ ରୋହିତ ଓ ଯଶବୀର ଭାରତର ସମ୍ମାନ ରଖିଛନ୍ତି। ଇଭେଣ୍ଟ ଆରମ୍ଭରୁ ରୋହିତ ୧ ନମ୍ବର ଓ ଯଶବୀର ଦୁଇ ନମ୍ବରରେ ରହିଥିଲେ।

ରମେଶ ଓ ନଦୀମ ଯଥେଷ୍ଟ ପଛରେ ପଡିଥିଲେ। କିନ୍ତୁ ରମେଶ ୪ର୍ଥ ପ୍ରୟାସରେ ନିଜର ଶ୍ରେଷ୍ଠ ଥ୍ରୋ କରିଥିଲେ। ଯଶବୀର ମଧ୍ୟ ଦମଦାର ପ୍ରଦର୍ଶନ କରି ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ କରିଥିଲେ। ସେ ୮୫.୭୨ ମିଟର ଦୂରତାକୁ ଜାଭେଲିନ ଫିଙ୍ଗିବା କ୍ଷଣି ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଉଠିଥିଲେ। ପୂର୍ବରୁ ଦ୍ୱିତୀୟରେ ଥିବା ରୋହିତ ତୃତୀୟକୁ ଖସି ଯାଇଥିଲେ।

## ସିରିଜ ହାରିଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ, ୨୮/୦୯; ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ଦକ୍ଷିଣ ଆଫ୍ରିକା ୩୨ ରନ୍ ?ରେ ରୋମାଞ୍ଚକର ବିଜୟ ହାସଲ କରିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଦକ୍ଷିଣ ଆଫ୍ରିକା ଦଳ ନିର୍ଦ୍ଧାରିତ ଓଭରରେ ୯ ୱିକେଟ୍ ହରାଇ ୩୬୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଟେମ୍ବା ବଭୁମା ୧୦୩(୧୦ଚୌକା, ୨ଛକା), ଡେଭିଡ୍ ମିଲର ୯୩ଟି ବଲ୍ରୁ ୧୪୨(୧୨ଚୌକା, ୯ଛକା), ମାଥ୍ୟୁ ବ୍ରିଜକୀ ୩୪ ରନ କରିଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ଜ୍ୟାକ ଏଡୱାର୍ଡ୍ସ ୫ଟି ଓ ଜୋସ ହାଜେଲଉଡ୍ ୩ଟି ୱିକେଟ୍ ନେଇଥିଲେ । ଜବାବରେ ଅଷ୍ଟ୍ରେଲିଆ ୪୯.୫ ଓଭରରେ ୩୩୩ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା । ଦଳ ପକ୍ଷରୁ ମିଚେଲ ମାର୍ଶ ୮୪ (୧୦ଚୌକା, ୫ଛକା), ଟ୍ରାଭିସ ହେଡ୍ ୮୪(୧୨ଚୌକା, ୧ଛକା), ଜାଭିୟର ବାର୍ଟଲେଟ୍ ୨୮ଟି ବଲ୍ରୁ ୫୦(୨ଚୌକା, ୫ଛକା), ମାଟ୍ ରେନସ ୩୨ ରନ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ଲିଜାର୍ଡ ୱିଲିୟମ୍ସ ୩ଟି, ମାର୍କୋ ଜାନସେନ, କେଶବ ମହାରାଜ ଓ ଜନ ଫର୍ଚୁଇନ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ବିସ୍ଫୋରକ ଶତକୀୟ ପାଳି ଖେଳିଥିବା ମିଲର ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ । ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ୨-୦ରେ ସିରିଜ କବଜା କରିଛି ।

## ଏସୀୟ କ୍ରୀଡ଼ା କ୍ରିକେଟ୍ ସେମିଫାଇନାଲ୍ରେ ଭାରତ, ପାକିସ୍ତାନ

ନିସିନ୍: ଚଳିତ ଏସୀୟ କ୍ରୀଡ଼ା କ୍ରିକେଟ୍ର ପ୍ରଥମ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ସୋମବାର ପାକିସ୍ତାନ ଓ ହଂକଂ ମଧ୍ୟରେ ଖେଳାଯିବାକୁ ଥିଲେ ବି ତାହା ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। ପୂର୍ବ ରାତିରେ ନିସିନ୍ରେ ଲଗାଣ ବର୍ଷା ଯୋଗୁଁ ପଡ଼ିଆରେ ପାଣି ଜମି ରହିଥିଲା।

ଏହି କାରଣରୁ ଟସ୍ ମଧ୍ୟ ପଡ଼ିପାରି ନଥିଲା। ଏହାକୁ ଦୃଷ୍ଟିରେ ରଖି ମ୍ୟାଚ୍ ରେଫରି ଭି.ନାରାୟନନ୍ କୁଟ୍ଟି ଏହି ମ୍ୟାଚ୍କୁ ରଦ୍ଦ ଘୋଷଣା କରିଥିଲେ। ଏହା




ସତ୍ତ୍ୱେ ଆଇସିସି ମାନ୍ୟତାରେ ଉଚ୍ଚରେ ଥିବାରୁ ଭାରତ ସେମିଫାଇନାଲ୍ରେ ପ୍ରବେଶ କରିଛି। ଗୁରୁବାର ଦ୍ୱିତୀୟ ସେମିଫାଇନାଲ୍ରେ ଭାରତର ମୁକାବିଲା ଶ୍ରୀଲଙ୍କା ଓ ନେପାଳ ମଧ୍ୟରେ ହେବାକୁ ଥିବା ତୃତୀୟ କ୍ୱାର୍ଟରଫାଇନାଲ୍ର ବିଜେତା ସହ ଖେଳାଯିବ।

ଏହା ପୂର୍ବରୁ ପ୍ରଥମ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ସୋମବାର ପାକିସ୍ତାନ ଓ ହଂକଂ ମଧ୍ୟରେ ଖେଳାଯିବାକୁ ଥିଲେ ବି ତାହା ବର୍ଷା ଯୋଗୁଁ ବାତିଲ ହୋଇଯାଇଥିଲା। ପଡ଼ିଆ ପର୍ଯ୍ୟବେକ୍ଷଣ ପରେ ମ୍ୟାଚ୍ ରେଫରି ଭି.ନାରାୟନନ୍ କୁଟ୍ଟି ଏହି ମ୍ୟାଚ୍କୁ ରଦ୍ଦ ଘୋଷଣା କରିଥିଲେ। ହଂକଂ ତୁଳନାରେ ଉଚ୍ଚ ଆଇସିସି ମାନ୍ୟତା ଯୋଗୁଁ ପାକିସ୍ତାନ ସେମିଫାଇନାଲ୍କୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ବିନା ମୁକାବିଲାରେ ହଂକଂ ପ୍ରତିଯୋଗିତାରୁ ବିଦାୟ ନେଇଛି। ଅକ୍ଟୋବର ୧ରେ ହେବାକୁ ଥିବା ପ୍ରଥମ ସେମିଫାଇନାଲ୍ରେ ପାକିସ୍ତାନର ମୁକାବିଲା ବାଂଲାଦେଶ ଓ ମାଲେସିଆ ମଧ୍ୟରେ ହେବାକୁ ଥିବା ଚତୁର୍ଥ କ୍ୱାର୍ଟରଫାଇନାଲ୍ ବିଜେତା ସହ ହେବ। ଯଦି ଭାରତ ଓ ପାକିସ୍ତାନ ନିଜ ନିଜର ସେମିଫାଇନାଲ୍ ମ୍ୟାଚ୍ ଜିତନ୍ତି ତେବେ ଫାଇନାଲ୍ରେ ଏକ ଐତିହାସିକ ମୁକାବିଲା ଦେଖିବାକୁ ମିଳିପାରେ।

# ରୌପ୍ୟ ଜିତିଲେ ଇଶା

**ନାଗୋୟା, ୨୮।୯(ଏଜେନ୍ସି):** ଭାରତର ଇଶା ସିଂହ ୨୫ ମିଟର ଏୟାର ପିସ୍ତଲରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ସେ ମାତ୍ର ଗୋଟିଏ ପଏଣ୍ଟରେ ସ୍ୱର୍ଣ୍ଣ ହାତଛଡ଼ା କରିଥିଲେ। ଚୀନର ସିଆଓ ଜିଆରୁଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲ୍ରେ ଇଶା ଓ ସିଆଓଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଉଭୟ ୩୮ ହିଟ୍ ସହ ଫାଇନାଲ୍ ଶେଷ କରିଥିଲେ। କିନ୍ତୁ ସୁଟ୍ଆଉଟ୍ରେ ଇଶା ଗୋଟିଏ ପଏଣ୍ଟ ପଛରେ ପଡ଼ିଯାଇଥିଲେ। ସେ ଏହା ପୂର୍ବରୁ ଦଳଗତ ଇଭେଣ୍ଟରେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଦଳଗତ ପ୍ରତିଯୋଗିତାରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ତଥା ବିଶ୍ୱ ରେକର୍ଡଧାରୀ ଇଶା ୨୦୨୩ ହାଙ୍ଗ୍ଝୁ ଏସୀୟ କ୍ରୀଡ଼ା ୨୫ ମିଟର ଏୟାର ପିସ୍ତଲର ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା ବେଳେ ଦଳଗତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହିତ ୧୦ ମିଟର ବ୍ୟକ୍ତିଗତ ଓ ଦଳଗତରେ ବି ସେ ରୌପ୍ୟ ହାସଲ କରିଥିଲେ।



## ଖାଲି ହାତରେ ଫେରିଲେ ମନୁ

ଦୁଇ ଥରର ଅଲିମ୍ପିକ ପଦକ ବିଜୟିନୀ ମନୁ ଭାକର ଏଥର ଏସୀୟ କ୍ରୀଡ଼ାରେ ନିରାଶ କରିଛନ୍ତି। ସେ ଗୋଟିଏ ବି ପଦକ ଜିତିବାରେ ସକ୍ଷମ ହୋଇପାରି ନାହାନ୍ତି। ସୋମବାର ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ସେ ଫାଇନାଲକୁ ଯୋଗ୍ୟତା ହାସଲ କରିପାରିନଥିଲେ। ଏହି ଇଭେଣ୍ଟରେ ମନୁ ଭାକର ମୋଟ ୫୭୯ ସ୍କର କରି ୧୧ତମ ସ୍ଥାନରେ ରହିଥିଲେ। ଏହା ପୂର୍ବରୁ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମଧ୍ୟ ସେ ଆଶାନୁରୂପ ପ୍ରଦର୍ଶନ କରିପାରିନଥିଲେ ଏବଂ ପଞ୍ଚମ ସ୍ଥାନରେ ରହିଥିଲେ। ଦଳଗତ ଇଭେଣ୍ଟରେ ମଧ୍ୟ ଭାରତ ପଦକ ଦୌଡ଼ରେ ଥିଲା। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସମୟରେ ରାହି ସର୍ଣ୍ଣୋବତ୍ଙ୍କ ଏକ ଖରାପ ସଟ୍ ଭାରତର ପଦକ ଆଶାକୁ ଧକ୍କା ଦେଇଥିଲା। ପ୍ରତି ସିରିଜ୍ରେ ୫ଟି ଲେଖାଏଁ ସଟ୍ ଥିବା ବେଳେ ଚତୁର୍ଥ ସିରିଜ୍ରେ ରାହି ମାତ୍ର ୩୯ ସ୍କୋର କରିଥିଲେ। ଏହାର ପ୍ରଭାବରେ ପଦକ ଦୌଡ଼ରୁ ଭାରତ ବାଦ୍ ପଡ଼ିଥିଲା। ରାହି ବ୍ୟକ୍ତିଗତ ଭାବେ ୫୬୮ ସ୍କୋର ସହ ୩୦ତମ ସ୍ଥାନରେ ରହିଥିଲେ।

# ଦୌଡ ରାଣୀଙ୍କ ୪୨ ବର୍ଷର ରେକର୍ଡ ଭାଙ୍ଗିଲେ ରାମରାଜ

ନୂଆଦିଲ୍ଲୀ, ୨୮।୯(ଏଜେନ୍ସି): ଦୀର୍ଘ ୪୨ ବର୍ଷ ପରେ ଭାଙ୍ଗିଛି ଦୌଡ ରାଣୀ ପିଟି ଉଷାଙ୍କ ରେକର୍ଡ। ଏସିଆନ ଗେମ୍ସ ୨୦୨୬ରେ ଏହି ରେକର୍ଡକୁ ଭାଙ୍ଗିଛନ୍ତି ଭାରତର ଷ୍ଟାର ଦୌଡକୁଦ ଖେଳାଳି ବିଥୟା ରାମରାଜ।




ସେ ମହିଳା ୪୦୦ ମିଟର ହର୍ଡଲ୍ସରେ ଦେଶ ପାଇଁ ଏସିଆନ ଗେମ୍ସରେ ଜିତିଛନ୍ତି ଐତିହାସିକ ବ୍ରୋଞ୍ଜ ପଦକ। ନିଜର ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ପ୍ରଦର୍ଶନ ୫୪.୭୫ ସେକେଣ୍ଡ ସମୟରେ ଧାର୍ଯ୍ୟ ଦୂରତାକୁ ଅତିକ୍ରମ କରି ଏପରି ସଫଳତା ପାଇଛନ୍ତି। ଏହି ଟାଇମିଂ ସହ ସେ ୧୯୮୪ରୁ କାଏମ ରହିଥିବା ଜାତୀୟ ରେକର୍ଡକୁ ମଧ୍ୟ ଭାଙ୍ଗି ଦେଇଛନ୍ତି।

ବିଥୟା ସୋମବାର ଅନୁଷ୍ଠିତ ଫାଇନାଲରେ ସମସ୍ତ ୧୦ଟି ଯାକ ହର୍ଡଲ୍ସକୁ ଅତିକ୍ରମ କରି ନିଜର ରେକର୍ଡ ବ୍ରେକିଂ ପ୍ରଦର୍ଶନ ଜାପାନରେ ସମସ୍ତଙ୍କୁ ଦେଖାଇଛନ୍ତି। ପୂର୍ବରୁ ଜାତୀୟ ରେକର୍ଡ ଷ୍ଟାର ଆଥଲେଟ୍ ପିଟି ଉଷାଙ୍କ ନାଁରେ ଥିଲା।

ସେ ୧୯୮୪ ଲସ ଆଞ୍ଜେଲ୍ସ ଆଥଲେଟରେ ୫୫.୪୨ ସେକେଣ୍ଡରେ ଦୂରତା ଅତିକ୍ରମ କରିଥିଲେ। ସେ ସୃଷ୍ଟି କରିଥିବା ଜାତୀୟ ରେକର୍ଡ ଏଯାଏ କୌଣସି ଭାରତୀୟ ଅତିକ୍ରମ କରି ପାରି ନଥିଲେ। ୨୦୨୩ରେ ବିଥୟା ସମାନ ଟାଇମିଂ ସହ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ। କିନ୍ତୁ ଆଜି ସେ ପିଟି ଉଷାଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ମହିଳା ୪୦୦ ମିଟର ହର୍ଡଲ୍ସରେ ୟୁଏଇର ମାରିଅମ କରୀମ ଗେମ୍ସ ରେକର୍ଡ ୫୪.୩୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ୫୪.୫୮ ସେକେଣ୍ଡ ସହ କାଜାଖସ୍ତାନର ଆଡେଲିନା ଜେମ୍ସ ରୌପ୍ୟ ପଦକ ହାସଲ କରିଛନ୍ତି।

ବିଥୟାଙ୍କ ୫୪.୭୫ ଟାଇମିଂ ତାଙ୍କୁ କେବଳ ବ୍ରୋଞ୍ଜପଦକ ଦେଇନାହିଁ, ବରଂ ତାଙ୍କ ପୂର୍ବ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରେ ମଧ୍ୟ ସୁଧାର ଆଣିଛି। ୪୦୦ ମିଟର ମହିଳା ହର୍ଡଲ୍ସରେ ଦୀର୍ଘ ବର୍ଷ ହେଲାଣି ରେକର୍ଡ ଟାଇମିଂ ୫୫.୪୨ ରହିଥିଲା।

୪୨ ବର୍ଷ ତଳେ ପିଟି ଉଷା ଏହି ରେକର୍ଡ ସୃଷ୍ଟି କରିଥିଲେ। ଏବେ ବିଥୟା ରାମରାଜ ନିଜ ନାଁରେ ନୂଆ ଇତିହାସ ଲେଖିଛନ୍ତି। ମହିଳା ହର୍ଡଲ୍ସରେ ସେ ଭାରତର ଦ୍ରୁତତମ ଆଥଲେଟ ବନି ଯାଇଛନ୍ତି।

ଆଜିର ମହିଳା ୪୦୦ ମିଟର ହର୍ଡଲ୍ସରେ ଭାରତର ଅନ୍ୟତମ ଆଥଲେଟ୍ ଅନୁ ରାଘବନ ମଧ୍ୟ ରହିଥିଲେ। ସେ ନିଜର ଶ୍ରେଷ୍ଠ ୫୫.୮୮ ସେକେଣ୍ଡ ଟାଇମିଂ ସହ ୫ମ ସ୍ଥାନରେ ଅଭିଯାନ ଶେଷ କରିଛନ୍ତି।

# କୁରାଶରେ ପିଙ୍କି ବଲହାରାଙ୍କୁ କାଂସ୍ୟ



ନାଗୋୟା, ୨୮।୯: ଏସୀୟ କ୍ରୀଡ଼ା କୁରାଶ ପ୍ରତିଯୋଗିତାରେ ଭାରତର ପିଙ୍କି ବଲହାରା କାଂସ୍ୟ ପଦକ ହାସଲ କରିଛନ୍ତି। ସୋମବାର ମହିଳା ୭୮ କିଲୋଗ୍ରାମରୁ କମ୍ ଓଜନ ବର୍ଗର ସେମିଫାଇନାଲରେ ସେ ଦକ୍ଷିଣ କୋରିଆର ସୁମିନ ମୋଙ୍କଠାରୁ ୦-୫ରେ ପରାସ୍ତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମିଫାଇନାଲ ମୁକାବିଲାରେ ବଲହାରାଙ୍କୁ 'ଡାକ୍କି' (ପେନାଲ୍ଟି) ମିଳିଥିବା ବେଳେ ସୁମିନ ମୋ 'ଯୋନବୋଶ୍' ପଏଣ୍ଟ ହାସଲ କରିଥିଲେ। ଏସୀୟ କ୍ରୀଡ଼ାରେ ଏହା ବଲହାରାଙ୍କ ଦ୍ୱିତୀୟ ପଦକ। ପୂର୍ବରୁ ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ସେ ମହିଳା ୫୨ କିଲୋଗ୍ରାମରୁ କମ୍ ଓଜନ ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ସେହି ସଂସ୍କରଣରେ କୁରାଶକୁ ପ୍ରଥମ ଥର ପାଇଁ ଏସୀୟ କ୍ରୀଡ଼ାରେ ସାମିଲ କରାଯାଇଥିଲା। ଏହାସହିତ କୁରାଶରେ ଏକାଧିକ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି। କୁରାଶ ହେଉଛି ଉଜବେକିସ୍ତାନର ଏକ ପାରମ୍ପରିକ ସମର କଳା। ଏହି ଖେଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛିଡ଼ା ହୋଇଥିବା ଅବସ୍ଥାରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଶଳ ପ୍ରୟୋଗ କରି ପିଠି ଉପରେ ତଳେ ପକାଇବା। ଜୁଡୋ ସହ ଏହାର କେତେକ ସମାନତା ରହିଛି। କିନ୍ତୁ ଜୁଡୋ ଭଳି କୁରାଶରେ ଦୀର୍ଘ ସମୟ ଧରି ଭୂମି ଉପରେ ଲଢେଇ କରିବାର ବ୍ୟବସ୍ଥା ନାହିଁ। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ଏହି କ୍ରୀଡ଼ାକୁ ପ୍ରଥମ ଥର ପାଇଁ ସାମିଲ କରାଯାଇଥିଲା।

# ପୁରୀ ଟାଇଟନ୍ସ ଓ କେନ୍ଦୁଝର ମାଇନର୍ସ ବିଜୟୀ

କଟକ, ୨୮।୦୯: କଟକ ବାରବାଟୀ ଷ୍ଟାଡିୟମ୍ରେ ଚାଲିଥିବା ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫିରେ ସୋମବାର ପୁରୀ ଟାଇଟନ୍ସ ଓ କେନ୍ଦୁଝର ମାଇନର୍ସ ବିଜୟୀ ହୋଇଛନ୍ତି। ବର୍ଷା ଯୋଗୁଁ ମ୍ୟାଚ୍ ୧୦ ଓଭର ଲେଖାଏଁ କରାଯାଇଥିଲା। ପୁରୀ ଟାଇଟନ୍ସ ୧୩ ରନ୍ରେ ରାଉରକେଲା




ସୁପରଷ୍ଟାର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ପୁରୀ ୬ ୱିକେଟ୍ରେ ୮୬ ରନ୍ କରିଥିଲା। ପ୍ରାରମ୍ଭରେ ଧିମା ବ୍ୟାଟିଂ ପରେ ସର୍ବେଶ୍ୱର ମହାନ୍ତି ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୮ ବଲ୍ରୁ ୫୧ ରନ୍ କରି ଦଳକୁ ଲଢୁଆ ସ୍କରରେ ପହଞ୍ଚାଇଥିଲେ। ଜବାବରେ ରାଉରକେଲା ନିୟମିତ ୱିକେଟ୍ ହରାଇ ୧୩ ରନ୍ ପଛରେ ରହିଯାଇଥିଲା। ପୁରୀର ସୁମିତ ଶର୍ମା ୫ଟି ୱିକେଟ୍ ନେବା ସହ ହ୍ୟାଟ୍ରିକ୍ ହାସଲ କରିଥିଲେ। ସର୍ବେଶ୍ୱର ମହାନ୍ତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ସୁମିତ ଶର୍ମାଙ୍କୁ ମୋମେଣ୍ଟ ଅଫ୍ ଦି ମ୍ୟାଚ୍ ପୁରସ୍କାର ମିଳିଥିଲା। ଅନ୍ୟ ଏକ ମ୍ୟାଚ୍ରେ କେନ୍ଦୁଝର ମାଇନର୍ସ ୨୬ ରନ୍ରେ ସମ୍ବଲପୁର ୱାରିୟର୍ସକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ୧୦ ଓଭରରେ ୫ ୱିକେଟ୍ ହରାଇ ୧୦୯ ରନ୍ କରିଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୫ ବଲ୍ରୁ ୩୩ ରନ୍, ରାଜେଶ ଧୁପର ୧୧ ବଲ୍ରୁ ୨୧ ରନ୍, ପ୍ରୟାସ ସିଂହ ୧୪ ବଲ୍ରୁ ୨୩ ରନ୍ ଓ ସ୍ୱାଗତ ଶର୍ମା ୯ ବଲ୍ରୁ ୧୫ ରନ୍ କରିଥିଲେ। ସମ୍ବଲପୁର ପକ୍ଷରୁ ପ୍ରଦୀପ ପ୍ରଧାନ ୨ ଓଭରରେ ୧୮ ରନ୍ ଦେଇ ୩ଟି ୱିକେଟ୍ ନେଇଥିଲେ। ୧୧୦ ରନ୍ର ବିଜୟଲକ୍ଷ୍ୟ ପିଛା କରି ସମ୍ବଲପୁର ୧୦ ଓଭରରେ ୯ ୱିକେଟ୍ ହରାଇ ୮୩ ରନ୍ କରିପାରିଥିଲା। ସୌମ୍ୟ ଲେଙ୍କା ୧୮ ବଲ୍ରୁ ୩୩ ରନ୍ କରି ଲଢେଇ କରିଥିଲେ ମଧ୍ୟ ଦଳକୁ ବିଜୟ ଦେଇପାରିନଥିଲେ। ଶୁଭ୍ରାଂଶୁ ସେନାପତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ଶୁଭମ ବିଷ୍ଟଙ୍କୁ ମୋମେଣ୍ଟ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପୁରୁଷ ୧୫୦୦ ମିଟର ଦୌଡ଼ରେ ଗୁଲବୀରଙ୍କ ରେକର୍ଡ

ନୂଆଦିଲ୍ଲୀ, ୨୮/୦୯: ୨୦୨୬ ଏସିଆନ୍ ଗେମ୍ସରେ ଭାରତୀୟ ଆଥଲେଟମାନଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ସୋମବାର ଭାରତକୁ ଆଥଲେଟିକ୍ସରୁ ମିଳିଛି ଦୁଇଟି ପଦକ। ପୁରୁଷ ୧୫୦୦ ମିଟର ଦୌଡ଼ରେ ଗୁଲବୀର ସିଂହ ସିଲଭର ମେଡାଲ ଜିତିଥିବା ବେଳେ ମହିଳା ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ଜିତିଛନ୍ତି ବିଥ୍ୟା ରାମରାଜ। ବିଥ୍ୟାଙ୍କ ଏହି ପ୍ରଦର୍ଶନ ଆହୁରି ଖାସ୍ ହୋଇଛି। ସେ ଦୌଡ଼କୁ ୫୪.୭୫ ସେକେଣ୍ଡରେ ଶେଷ କରିବା ସହ ଭାରତର କିମ୍ବଦନ୍ତୀ ଧାବିକା ପିଟି ଉଷାଙ୍କ ୪୨ ବର୍ଷ ପୁରୁଣା ଜାତୀୟ ରେକର୍ଡ ଭାଙ୍ଗିଛନ୍ତି।




ପୁରୁଷ ୧୫୦୦ ମିଟର ଦୌଡ଼ରେ ଗୁଲବୀର ସିଂହ ୩:୩୬.୭୨ ମିନିଟ୍ ସମୟ ନେଇ ରେସ୍ ଶେଷ କରିଛନ୍ତି। ଏହା ତାଙ୍କର ପର୍ସନାଲ ବେଷ୍ଟ ପ୍ରଦର୍ଶନ। ଏହି ଇଭେଣ୍ଟରେ ଜାପାନର କଜୁଟୋ ଇଇଜାୱା ୩:୩୬.୩୫ ମିନିଟ୍ ସମୟ ସହ ଗୋଲ୍ଡ ମେଡାଲ ଜିତିଛନ୍ତି। ଜାପାନର ନାଗିଆ ମୋରି ୩:୩୭.୯୨ ମିନିଟ୍ ସମୟ ସହ ବ୍ରୋଞ୍ଜ ମେଡାଲ ହାସଲ କରିଛନ୍ତି।

ଚଳିତ ଏସିଆନ୍ ଗେମ୍ସରେ ଗୁଲବୀରଙ୍କର ଏହା ଦ୍ୱିତୀୟ ପଦକ। ଏହା ପୂର୍ବରୁ ଗତ ଶୁକ୍ରବାର ପୁରୁଷ ୧୦,୦୦୦ ମିଟର ଦୌଡ଼ରେ ସେ ସିଲଭର ମେଡାଲ ଜିତିଥିଲେ। ସେହି ଇଭେଣ୍ଟରେ ଗୁଲବୀର ୨୮:୨୯.୩୮ ମିନିଟ୍ ସମୟରେ ରେସ୍ ଶେଷ କରିଥିଲେ। ଏବେ ୧୫୦୦ ମିଟରରେ ଆଉ ଏକ ସିଲଭର ଜିତି ଭାରତୀୟ ଆଥଲେଟିକ୍ସରେ ନିଜ ପ୍ରଭାବ ଦେଖାଇଛନ୍ତି।

## ପାରୁଲଙ୍କୁ ବ୍ରୋଞ୍ଜ

ନୂଆଦିଲ୍ଲୀ, ୨୮।୯: ୨୦୨୬ ଏସିଆନ ଗେମ୍ସରେ ପାରୁଲ ଚୌଧୁରୀ ୩୦୦୦ ମିଟର ଷ୍ଟିପଲଚେଜ୍ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ୯ ମିନିଟ୍ ୦୮.୬୭ ସେକେଣ୍ଡର ନିଜର ସର୍ବୋତ୍ତମ ସମୟ ସହିତ ଏହି ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। ସର୍ବେଶ କୁଶାରେ ଉଚ୍ଚ ଡିଆଁ ବା ହାଇ ଜମ୍ପରେ ରୌପ୍ୟ ପଦକ ଜିତିଛନ୍ତି । ସେପଟେ ବକ୍ସିଂରେ କ୍ୱାଟର୍ ଫାଇନାଲରେ କପିଲ ପୋଖରିଆ ଦକ୍ଷିଣ କୋରିଆକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛନ୍ତି । ଏହା ସହିତ ଭାରତ ପାଇଁ ଏକ ପଦକ ସୁନିଶ୍ଚିତ କରିଛନ୍ତି ।



Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,